◆ Bhubaneswar, July 1-15, 2026
◆ ଭୁବନେଶ୍ୱର, ଜୁଲାଇ ୧-୧୫, ୨୦୨୬
◆ Vol. -09 ◆ Issue -14
◆ ଭାଗ-୦୯ ◆ ସଂଖ୍ୟା-୧୪
◆ Rs. 2.00 /- ◆ Pages: 04
◆ ମୂଲ୍ୟ: ଟ୨.୦୦ ◆ପୃଷ୍ଠା ସଂଖ୍ୟା: ୦୪
◆ପାକ୍ଷିକ ◆FORTNIGHTLY

RNI Regd. No.: ODIODI/2017/74065
email: pratishabda7@gmail.com

# ପ୍ରତିଶବ୍ଦ
The Pratishabda

## ମହିଳାଙ୍କ ପ୍ରତି ଘରୋଇ ହିଂସା ଉପରମୁହାଁ

ଭୁବନେଶ୍ୱର:ଚଳିତ ବର୍ଷ ମହିଳାମାନଙ୍କ ବିରୋଧରେ ଘରୋଇ ହିଂସା ଉପରମୁହାଁ ହୋଇଛି। କମିସନରେଟ୍ ପୁଲିସ୍‌ର ଭୁବନେଶ୍ୱର ୟୁପିଡି ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁସାରେ,ପ୍ରାୟ ସାଢେ ୫ମାସ ମଧ୍ୟରେ ଯୌତୁକ ନିର୍ଯାତନା, ଟଙ୍କା ପାଇଁ ହତ୍ୟା ଉଦ୍ୟମ, ମଦ ପିଇ ମାଡ଼ମାରିବା, ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଭଳି ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହେଲାଣି। ଆଉ ଏହି କ୍ରମରେ ପ୍ରାୟ ୩୫ରୁ ଅଧିକ ମାମଲାରେ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଥିବା ବେଳେ ୧୦ରୁ ଅଧିକ ସ୍ୱାମୀଙ୍କ ସଂପର୍କୀୟ ନିର୍ଯାତନା ଦେଇ ବନ୍ଧା ହୋଇଛନ୍ତି।ଘରୋଇ ହିଂସାକୁ ନେଇ ଦିଆଯାଇଥିବା ତଥ୍ୟ ଅନୁସାରେ, ଜାନୁଆରି ମାସରେ ୭ଜଣଙ୍କୁ ଗିରଫ କରିଥିବା ବେଳେ ଫେବ୍ରୁଆରିରେ ୮ଜଣ, ମାର୍ଚ୍ଚରେ ୧୦ଜଣ, ଏପ୍ରିଲରେ ୮ଜଣ, ମେ’ରେ ୧୬ଜଣ ଓ ଜୁନ୍ ୧୨ତାରଖ ସୁଦ୍ଧା ଜଣଙ୍କୁ ଗିରଫ କରାଯାଇଛି।


# ଖୁବ୍‌ଶୀଘ୍ର ଆସିବ ନୂତନ ‘ଚଳଚ୍ଚିତ୍ର ନୀତି’ : ମୁଖ୍ୟମନ୍ତ୍ରୀ



(ଜୀତେନ୍ଦ୍ର ପତି)

ଭୁବନେଶ୍ୱର : ‘ଓଡିଆ ଚଳଚ୍ଚିତ୍ର ହେଉଛି ଆମ ଜାତିର ଅସ୍ମିତାର ପରିଚୟ। ଏହାର ସର୍ବାଙ୍ଗୀନ ବିକାଶ ତଥା କଳାକାରମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଖୁବ୍ ଶୀଘ୍ର ଏକ ନୂତନ ‘ଚଳଚ୍ଚିତ୍ର ନୀତି’ ପ୍ରଣୟନ କରିବାକୁ ଯାଉଛନ୍ତି, ବୋଲି ସ୍ଥାନୀୟ ଲୋକସେବା ଭବନ କନ୍‌ଭେନସନ୍ ସେଂଟରରେ ଆୟୋଜିତ ୩୫ତମ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ଓଡିଆ ସିନେମାର ସାମ୍ପ୍ରତିକ ସ୍ଥିତି ଓ ଏହାର ବିକାଶ ନେଇ ନିକଟରେ ଚଳଚ୍ଚିତ୍ର ଜଗତର ପ୍ରତିଭାମାନଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, କଳାକାରମାନଙ୍କ ସୁରକ୍ଷା ଓ ଉନ୍ନତମାନର ସିନେମା ନିର୍ମାଣ ପାଇଁ ବୈଷୟିକ ସହାୟତା ଯୋଗାଇଦେବାକୁ ସରକାର ସଂକଳ୍ପବଦ୍ଧ ଏବଂ ଏହି ଦିଗରେ ଖୁବଶୀଘ୍ର ଏକ ଶୁଭ ଖବର ମିଳିବ। ଓଡିଆ ସିନେମାର ସମୃଦ୍ଧ ଇତିହାସ ଏବଂ ଏହାର ଆରମ୍ଭକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୩୬ ମସିହାରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଆତ୍ମପ୍ରକାଶ କରିବା ସହ ସେହି ବର୍ଷ ହିଁ ମହାନ ରାସ-ସ୍ରଷ୍ଟା ମୋହନସୁନ୍ଦର ଦେବ ଗୋସ୍ୱାମୀଙ୍କ ଦ୍ୱାରା ପ୍ରଥମ ଓଡିଆ ଚଳଚ୍ଚିତ୍ର ‘ସୀତା ବିବାହ’ ନିର୍ମାଣ ହେବା ଏକ ଅପୂର୍ବ ସଂଯୋଗ। ଅତୀତରେ ‘ମାୟା ମିରିଗ’, ‘ଭୁକା’, ‘ଶେଷ ଶ୍ରାବଣ’, ଏବଂ ‘ହାକିମ ବାବୁ’ ଭଳି କାଳଜୟୀ ସିନେମା ଓଡିଆମାଟିର ସଂସ୍କୃତିକୁ ବିଶ୍ୱ ଦରବାରରେ ପହଂଚାଇଥିଲା। ସାମ୍ପ୍ରତିକ ସମୟରେ ‘ଦମନ’, ‘ପ୍ରତୀକ୍ଷା’, ‘ଶଲା ବୁଢା’, ‘ପୁଷ୍କରା’, ‘ବୋଉ ବୁଟୁ ଭୂତ’ ଏବଂ ‘ବରବଧୂ’ ଭଳି ଚଳଚ୍ଚିତ୍ରଗୁଡିକ ଆମ ମାଟିର ମୌଳିକ କାହାଣୀକୁ ନେଇ ଜାତୀୟ ସ୍ତରରେ ଓଡିଆ ସିନେମାକୁ ପୁଣି ଏକ ନୂତନ ପରିଚୟ ଦେଇଛନ୍ତି ଯାହା ଓଡିଆ ସିନେମାର ଏକ ନୂତନ ସୂର୍ଯୋଦୟ ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି। ବର୍ତମାନର ବୈଷୟିକ ଯୁଗ ଓ ଓଟିଟି (OTT) ପ୍ଲାଟଫର୍ମର ଗୁରୁତ୍ୱ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ନୂତନ ପିଢି ସିନେମାଟୋଗ୍ରାଫି, ସାଉଣ୍ଡ ଡିଜିଇନିଂ ଏବଂ ଠରଢ କ୍ଷେତ୍ରରେ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଆପଣେଇଛନ୍ତି। ଓଡିଶାର ଯୁବ ପ୍ରତିଭାମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ପ୍ରଶିକ୍ଷଣ ଯୋଗାଇଦେବା ସହ କଳିଙ୍ଗ ଷ୍ଟୁଡିଓକୁ ଦେଶର ଏକ ପ୍ରମୁଖ ଡିଜିଟାଲ୍ ଏବ ପୋଷ୍ଟ-ପ୍ରଡକ୍ସନ ହବରେ ପରିଣତ କରାଯାଇଛି। ଯେପରି ଆମ ପିଢିକୁ କାମ ପାଇଁ ବାହାର ରାଜ୍ୟକୁ ଯିବାକୁ ପଡିବ ନାହିଁ। ଏଥିସହ ଓଡିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ସିନେମା ଟୁରିଜିମ୍‌ର ➲ପୃଷ୍ଠା-୪ ଦେଖନ୍ତୁ

# ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି



ପୁରୀ:ପବିତ୍ର ସ୍ନାନପୂର୍ଣିମା ଅବସରରେ ଚତୁର୍ଦ୍ଧାମୂର୍ତି ରନ୍ ସିଂହାସନରୁ ଧାଡି ପହଣ୍ଡିରେ ସ୍ନାନବେଦୀରେ ବିରାଜମାନ କରିଛନ୍ତି । ଆଜି ମହାପ୍ରଭୁଙ୍କ ଜନ୍ମଦିନ । ସ୍ନାନ ବେଦୀରେ ୧୦୮ ଗରା ଅଭିମନ୍ତ୍ରିତ ଅଧିବାସ ଜଳରେ ଚତୁର୍ଦ୍ଧାମୂର୍ତି ସ୍ନାନ କରିଛନ୍ତି । ଶ୍ରୀଜଗନ୍ନାଥଙ୍କୁ ୩୫ ଗରା, ଶ୍ରୀବଳଭଦ୍ରଙ୍କୁ ୩୩ ଗରା, ମା ସୁଭଦ୍ରାଙ୍କୁ ୨୨ଗରା ଓ ପ୍ରଭୁ ସୁଦର୍ଶନଙ୍କୁ ୧୮ ଗରାରେ ସ୍ନାନ କରିଥିଲେ । ଅପରାହ୍ନରେ ଶ୍ରୀବିଗ୍ରହ ମାନଙ୍କୁ ଦୁର୍ଲଭ ହାତୀବେଶରେ ସଜ୍ଜିତ କରାଯାଇଥିଲା । ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳିରେ ଶ୍ରୀମନ୍ଦିର ବାହାର ଓ ଭିତର ପ୍ରକମ୍ପିତ ହୋଇଥିଲା । ଭିତରଚ୍ଛୁ, ତଳୁଚ୍ଛ, ଦଇତାପତି, ଖୁଂଟିଆ, ପୁଷ୍ପାଳକ, ମେକାପ ସେବକ ଶ୍ରୀବିଗ୍ରହମାନଙ୍କୁ ହାତୀବେଶରେ ସଜ୍ଜିତ କରିଥିଲେ । ମହାରାଷ୍ଟ୍ରର ଗଣପତି ଭକ୍ତ ହାତୀବେଶ ନଦେଖି ଫେରି ଯାଉଥିବା ବେଳେ ମହାପ୍ରଭୁଙ୍କ ଶୂନ୍ୟବାଣୀ ଶୁଣି ଗଣପତି ଫେରିଆସି ସ୍ନାନ ବେଦୀରେ ହାତୀବେଶ ଦେଖି କୃତ୍ୟ କୃତ୍ୟ ହୋଇଯାଇଥିଲେ । ସେହିଦିନ ଠାରୁ ପ୍ରଭୁଙ୍କୁ ହାତୀବେଶ କରାଯାଉଛି । ସ୍ନାନ ବେଦୀରେ ପ୍ରଭୁଙ୍କୁ ଗଜାନନ ବେଶରେ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି ।

ରାଘବଦାସ ମଠ ପକ୍ଷରୁ ଏହି ହାତୀବେଶ ସରଞ୍ଜାମ ଅର୍ପଣ କରାଯାଇଥିଲା । ଅକ୍ଷୟ ତୃତୀୟା ଠାରୁ ହାତୀବେଶ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ସୋଲ, ଜରି ଜମ୍ବୁରା, କଦଳୀ ପାଟୁକା, କଇଥ ଅଠାରେ କାରିଗର ମାନେ ହାତୀବେଶ ପ୍ରସ୍ତୁତ କରିଥିଲେ । କିଆଫଳି, ଚନ୍ଦ୍ର ସୂର୍ଯ୍ୟ, ଡାଳି, କାନ, ଥୋଡ, ହାଣ୍ଡିଆ ଆଦି ହାତୀବେଶରେ ବ୍ୟବହୃତ ହୋଇଥିଲା ।

ସ୍ନାନ ପୂର୍ଣ୍ଣିମାରେ ଶ୍ରୀମନ୍ଦିର ଗୁମୁଟ, ସ୍ନାନବେଦୀ, ମନ୍ଦିର ଚାରିଦ୍ୱାର ସୁବାସିତ ପୁଷ୍ପରେ ସଜ୍ଜିତ ହୋଇଥିଲା । ଶ୍ରୀମନ୍ଦିର ଚାରିପଟ ଉଜ୍ଜ୍ୱଳ ଆଲୋକରେ ଆଲୋକିତ ହେବା ସହ ସ୍ନାନବେଦୀରେ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା । ମାର୍କେଟ ଛକ ଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ବ୍ୟାରିକେଡ ଭିତରେ ଭକ୍ତ ମାନେ ଧାଡିରେ ଯାଇ ଦର୍ଶନ କରିବା ସହ ଉତରଦ୍ୱାର ଦେଇ ପ୍ରସ୍ଥାନ କରୁଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପାଣି ବଣ୍ଟନ ଓ ପାଣି ଛିଞ୍ଚନ କରାଯାଇଥିଲା ।

## ବାଚସ୍ପତି ନାକଚ କଲେ ରାଜ୍ୟସଭା କ୍ରସ୍‌ଭୋଟିଂ ଅଭିଯୋଗ

# ଆଶ୍ୱସ୍ତ ହେଲେ ୧୧ ବିଧାୟକ

ଭୁବନେଶ୍ୱର : ଗତ ମାର୍ଚ୍ଚ ୧୬ରେ ରାଜ୍ୟସଭା ନିର୍ବାଚନ ମତଦାନ ବେଳେ ବିଜେଡିର ୮ଜଣ, କଂଗ୍ରେସର ୩ଜଣ ବିଧାୟକ କ୍ରସ୍‌ଭୋଟିଂ କରିଥିଲେ। ସେମାନେ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ଭୋଟ ନଦେଇ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଭୋଟ ଦେଇଥିଲେ। ଏହାପରେ ଦଳୀୟ ହୁଇପ୍ ମାନି ନଥିବାରୁ ବିଜେଡିର ୮ଜଣ ବିଧାୟକ, କଂଗ୍ରେସର ୩ଜଣ ବିଧାୟକଙ୍କ ସଭ୍ୟପଦ ରଦ୍ଦ କରିବାକୁ ଦୁଇ ଦଳ ପକ୍ଷରୁ ପୃଥକ ଭାବେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ନିକଟରେ ଆବେଦନ କରାଯାଇଥିଲା। ଏହି ଆବେଦନର ଶୁଣାଣି କରି ବାଚସ୍ପତି ଶ୍ରୀମତୀ ପାଢ଼ୀ ବିଜେଡି ଓ କଂଗ୍ରେସର ଆବେଦନକୁ ଖାରଜ କରିଦେଇଛନ୍ତି।

ବାଚସ୍ପତି କହିଛନ୍ତି, ସଭ୍ୟପଦ ରଦ୍ଦ ଆବେଦନର ପ୍ରତି ପୃଷ୍ଠାରେ ପିଟିସନରଙ୍କ ଦସ୍ତଖତ ନଥିଲା। ସତ୍ୟପାଠ ବି ଦେଇନାହାନ୍ତି। ସଭ୍ୟପଦ ରଦ୍ଦ ପାଇଁ ଯେଉଁ ନିୟମ ୬ ଓ ୭ ଅଛି ସେଥିରୁ ନିୟମ ୬ର ଉପନିୟମ ୬ ଓ ୭ ଅନୁସାରେ ସେମାନେ ପର୍ଯ୍ୟାପ୍ତ ପ୍ରମାଣ ଦେଇନଥିଲେ। ପିଟିସନ୍‌ଗୁଡିକ ସମ୍ପୂର୍ଣ୍ଣ ନଥିବାରୁ ତାଙ୍କ ଆବେଦନ ବିଚାରଯୋଗ୍ୟ ହେଲାନି ଏବଂ ଖାରଜ କରାଗଲା। ସେହିପରି ବିଧାନସଭା ସଚିବାଳୟ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ବିଜେଡି ପକ୍ଷରୁ ଦାଏର ହୋଇଥିବା ପିଟିସନ୍‌ଗୁଡିକରେ ଆଇନଗତ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ପାଳନ କରାଯାଇନଥିବା କୁହାଯାଇଛି। ଏହାଦ୍ୱାରା ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡଙ୍କ ସମେତ ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ନବ ମଲ୍ଲିକ, ସୁବାସିନୀ ଜେନା, ଚକ୍ରମଣି କହଁର ଏବଂ କଂଗ୍ରେସରୁ ନିଲମ୍ବିତ ହୋଇଥିବା ସୋଫିଆ ଫିର୍ଦ୍ଦୋସ, ଦାଶରଥି ଗମାଙ୍ଗ ଓ ରମେଶ ଜେନା ଏବେ ଆଶ୍ୱସ୍ତ ହୋଇଛନ୍ତି।

ଅପରପକ୍ଷେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି। ବିଜେଡି ବିଧାୟକ ପ୍ରମିଳା ମଲ୍ଲିକ ଓ ଅରୁଣ ସାହୁ କହିଲେ, ବାଚସ୍ପତି ଦଳୀୟ ମନୋଭାବ ରଖି ଏହି ନିଷ୍ପତ୍ତି ନେଇଛନ୍ତି। ବାଚସ୍ପତି ନିଜ ପଦବିର ଗରିମା କ୍ଷୁର୍ଣ୍ଣ କରିବା ସହ ଗଣତନ୍ତ୍ରକୁ ହତ୍ୟା କରିଛନ୍ତି। ଏହା ୫୨ତମ ସମ୍ବିଧାନ ସଂଶୋଧନ ଓ ସମ୍ବିଧାନର ୧୦ମ ପରିଚ୍ଛେଦର ସମ୍ପୂର୍ଣ୍ଣ ପରିପନ୍ଥୀ। ସମ୍ବିଧାନର ୧୦ମ ପରିଚ୍ଛେଦ ଅନୁଯାୟୀ ଜଣେ ବିଧାୟକ ଯେଉଁ ଦଳରୁ ନିର୍ବାଚିତ ହୋଇଥାଏ, ସେହି ଦଳର ନିଷ୍ପତ୍ତି ବିରୋଧରେ ଆଚରଣ ଓ ଉଚ୍ଚାରଣ କରିବା ଦଳର ସଦସ୍ୟତା ପରିତ୍ୟାଗ କରିବା ସହ ସମାନ। ➲ପୃଷ୍ଠା-୪ ଦେଖନ୍ତୁ

# ଓଡ଼ିଶାର ନୂଆ କଂଗ୍ରେସ ପ୍ରଭାରୀ

ଭୁବନେଶ୍ୱର ::ସାଙ୍ଗଠନିକ ଭିତ୍ତିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ



ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଶୁକ୍ରବାର ଗୁଜରାଟର ବରିଷ୍ଠ କଂଗ୍ରେସ ନେତା ଲାଲଜୀ ଦେଶାଇଙ୍କୁ ଓଡ଼ିଶାର ନୂଆ ଏଆଇସିସି ପ୍ରଭାରୀ ଭାବେ ନିଯୁକ୍ତ କରିଛି। ସେ ବର୍ତ୍ତମାନର ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସ୍ଥାନ ନେବେ। ଏହି ନିଯୁକ୍ତି ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ଭେନୁଗୋପାଳ ଜାରି କରିଥିବା ବିଜ୍ଞପ୍ତିରେ କୁହାଯାଇଛି।

ସୂଚନାଯୋଗ୍ୟ, ଲାଲଜୀ ଦେଶାଇ କଂଗ୍ରେସର ଜଣେ ଦକ୍ଷ ସାଙ୍ଗଠନିକ ନେତା ଭାବେ ପରିଚିତ। ସେ ୨୦୧୮ ମସିହାରୁ ଅଖିଳ ଭାରତୀୟ କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଭାବେ କାର୍ଯ୍ୟ କରୁଛନ୍ତି। ଦଳର ସାଙ୍ଗଠନିକ ବିସ୍ତାର, କର୍ମୀ ପ୍ରଶିକ୍ଷଣ, ସଦସ୍ୟତା ଅଭିଯାନ ଏବଂ ନିର୍ବାଚନୀ ପ୍ରସ୍ତୁତିରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି। ସେ କଂଗ୍ରେସ ୱାର୍କିଂ କମିଟିର ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ମଧ୍ୟ ଅଟନ୍ତି। ଅନ୍ୟପକ୍ଷରେ, ଉତ୍ତର ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଅଜୟ କୁମାର ଲଲ୍ଲୁ ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନ ପରବର୍ତ୍ତୀ ସମୟରେ ଓଡ଼ିଶାର ଦାୟିତ୍ୱ ସମ୍ଭାଳିଥିଲେ। ତାଙ୍କ କାର୍ଯ୍ୟକାଳରେ ରାଜ୍ୟ କଂଗ୍ରେସର ସାଙ୍ଗଠନିକ ପୁନର୍ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଠାକୁରଙ୍କୁ ବି ଛାଡ଼ିଲେନି, ଟ୍ରଷ୍ଟ ମହାସଚିବ ପଦରୁ ଇସ୍ତଫା ଦେଲେ ଚମ୍ପତ ରାୟ



ନୂଆଦିଲ୍ଲୀ : ଅଯୋଧ୍ୟା ରାମ ମନ୍ଦିର ଦାନ ହେରଫେରର ଗୁରୁତର ଅଭିଯୋଗ ପରେ, ରାମ ମନ୍ଦିର ଟ୍ରଷ୍ଟକ ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଏବଂ ଜଣେ ଟ୍ରଷ୍ଟି ନୈତିକତା ଦଷ୍ଟିରୁ ଇସ୍ତଫା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ସବୁଠାରୁ ପ୍ରମୁଖ ନାଁ ହେଉଛି ଚମ୍ପତ ରାୟଙ୍କର, ଯିଏ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ମହାସଚିବ ଥିଲେ। ଏହି ଟ୍ରଷ୍ଟ ମନ୍ଦିରର ପରିଚାଳନା କରୁଥିବା ଏକ ସ୍ୱାଧୀନ ସଂସ୍ଥା । ସୂତ୍ର ଅନୁଯାୟୀ ସେ ଏବଂ ଟ୍ରଷ୍ଟି ଅନିଲ ମିଶ୍ର ସେମାନଙ୍କର ଇସ୍ତଫା ଦାଖଲ କରିଛନ୍ତି। ଏହି ଇସ୍ତଫା ଏମିତି ସମୟରେ ଆସିଛି, ଯେବେ କିଛି ଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ଯୋଗୀ ଏହି ପୂରା ମାମଲା ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଥିଲେ। କିଛି ଦିନ ପୂର୍ବେ ମାମଲାର ଯାଞ୍ଚ କରୁଥିବା ଏସଆଇଟି ମଧ୍ୟ ନିଜର ପ୍ରାରମ୍ଭିକ ରିପୋର୍ଟ ପ୍ରଦାନ କରିଥିଲା। ଖବର ଅନୁସାରେ , ମନ୍ଦିରର ଆକାଉଣ୍ଟରୁ ପାଖାପାଖି ୭-୭.୫ କୋଟି ଟଙ୍କା ଗାଏବ ଅଛି। ହେଲେ ସରକାରୀ ସଂଖ୍ୟାକୁ ଏପର୍ଯ୍ୟନ୍ତ ଅପେକ୍ଷା କରାଯାଇଛି।

ଏହି ମାମଲା ଆରମ୍ଭରୁ ଚମ୍ପତ ରାୟଙ୍କ ନାମ ଖବରରେ ରହିଛି, କିନ୍ତୁ ସେ ସେହି ବ୍ୟକ୍ତି ଯିଏ ରାମ ମନ୍ଦିର ଆନ୍ଦୋଳନର ସମାପ୍ତି ଠାରୁ ଆରମ୍ଭ କରି ମହାନ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଥିଲେ। ଅଯୋଧ୍ୟାର ଇତିହାସ ଏବଂ ଏହାର ପ୍ରତ୍ୟେକ କୋଣ ଅନୁକୋଣ ବିଷୟରେ ତାଙ୍କର ଗଭୀର ଜ୍ଞାନ ଯୋଗୁଁ , ଲୋକେ ତାଙ୍କୁ ସ୍ନେହରେ ‘ଅଯୋଧ୍ୟାର ଏନସାଇକ୍ଲୋପିଡିଆ’ ଏବଂ ‘ ରାମ ଲଲ୍ଲାଙ୍କ ରେକର୍ଡ-ରକ୍ଷକ’ ମଧ୍ୟ କହନ୍ତି। ➲ପୃଷ୍ଠା-୪ ଦେଖନ୍ତୁ

# ରାଜ୍ୟରେ ଦିନକୁ ଦିନ ବଢୁଛି ଭିଡ଼ ହିଂସା

ଭୁବନେଶ୍ୱର : ରାଜ୍ୟରେ ଏବେ ଭିଡ଼ ହିଂସା ଦିନକୁ ଦିନ ବଢ଼ିବାରେ ଲାଗିଛି । କଥା କିଛି ନବୁଝି ନଶୁଝି ଯିଏ ପାରିଲା କାହାକୁ ପିଟି ପିଟି ମାରିଦେଲେଣି ତ କାହାକୁ ମୋଟର ସାଇକେଲ୍ ଚଢ଼ାଇ ଓ ଆଉ କାହାକୁ ପନିକିରେ ହାଣିଲେଣି । ଏହିଭଳି ଘଟଣା ରାଜ୍ୟ ରାଜଧାନୀ ଉପକଣ୍ଠସ୍ଥ ବାଲିଅନ୍ତାରେ ସୌମ୍ୟରଂଜନ ସ୍ୱାଇଁ ନାମକ ଜଣେ ପୋଲିସ୍ କର୍ମଚାରୀଙ୍କୁ ପିଟି ପିଟି ମାରିଦିଆଯିବା ପରେ ପରେ ଏହିଭଳି ଘଟଣା ଅନ୍ୟ ଅଞ୍ଚଳକୁ ବ୍ୟାପିଛି । ବାଲେଶ୍ୱରରେ ଜଣେ ୩୫-ବର୍ଷୀୟ ଯୁବକକୁ ଗୋରୁ ଚୋର ଭାବି ପିଟି ପିଟି ମାରି ଦେଇଛନ୍ତି ଉତ୍ୟକ୍ତ ଲୋକେ। ଏହିପରି ଏଇ ନିକଟରେ ସାତୋଟି ଘଟଣା ଘଟିସାରିଥିବା ବେଳେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଭିଡ଼ ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଘଟିଥିବା ପିଲାଚୋରିସଂଦେହରେ ଭିଡ ହିଂସା ଘଟଣାରେ ଜିଲ୍ଲା ପୁଲିସ ଏହି ଆକ୍ରମଣ ଘଟଣାର ଗୁରୁତ୍ୱତା ଅନୁଭବ କରି ଏହି କେସକୁ ରେଡ ଫ୍ଲାଗ କରାଯାଉ ବୋଲି ଉପରିସ୍ଥ ବିଭାଗକୁ ଅନୁରୋଧ କରାଯାଇଛି ଏବଂ ଏନେଇ କ୍ରାଇମ ବ୍ରାଞ୍ଚ ରାୟଗଡା ପୁଲିସକୁ ସହାୟତା କରୁଛି ବୋଲି ରାୟଗଡା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ଏହି ଘଟଣାରେ ବର୍ତମାନ ସୁଦ୍ଧା ୨୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ବହୁ ଲୋକଙ୍କୁ ଅଟକ ରଖି ଜେରା ଚାଲିଛି। ତଦନ୍ତ ଚାଲୁଥିବାରୁ ବହୁ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ଜିଲ୍ଲା ପୁଲିସ ତରଫରୁ ବହୁତ ଗୁଡିଏ ଟିମ ଗଠନ କରି ତଦନ୍ତ ଚାଲିଥିବା ଏସ ପି ରାଜ ପ୍ରସାଦ ସୂଚନା ଦେଇଛନ୍ତି। ଏହି ଘଟଣାରେ ଯେଉଁମାନେ ଘଟଣାର ଭିଡିଓ ଉତ୍ତୋଳନ କରିଛନ୍ତି ଏବଂ ପରବର୍ତ୍ତି ସମୟରେ ଏହାକୁ ଭାଇରଲ କରିଛନ୍ତି ସେମାନଙ୍କ ବିରୋଧରେ ମଧ୍ୟ ଆଇଟି ଆକ୍ଟ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନେଇ ଏସ୍‌ପି କହିଥିଲେ।

ଏହାଛଡ଼ା ପୁଲିସର ସାଇବର ଟିମ ଏବଂ ଦକ୍ଷିଣ ପୂର୍ବାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ତଦନ୍ତ ଚାଲିଛି ବୋଲି ସୂଚନା ଦେଇଥିଲେ। ସମସ୍ତ ଘଟଣା ସେ ନିଜେ ତଦାରଖ କରୁଥିବା ପ୍ରକାଶ କରିଥିଲେ। ଘଟଣାକୁ ନେଇ ବର୍ତମାନ ସୁଦ୍ଧା ୩ଟି କେସ ହୋଇଥିବା ବେଳେ ଆକ୍ରମଣର ଶିକାର ହୋଇଥିବା ୨ ସ୍‌ବେଚ୍ଛାସେବୀ ଏଫଆଇଆର ଦାଖଲ କରିନାହାନ୍ତି ବୋଲି ଜଣାପଡିଛି। ଆକ୍ରମଣର ଶିକାର ହୋଇଥିବା ୨ଜଣ କିଭଳି ଶୀଘ୍ର ସୁସ୍ଥ ହେବେ ସେ ନେଇ ପୁଲିସ ପ୍ରୟାସ ଜାରି ରଖିଛି ବୋଲି ଏସପି କହିଛନ୍ତି।

ସୂଚନା ଅନୁଯାୟୀ, ଘଟଣା ଦିନ ଦିଲ୍ଲୀର ସୁମନ ଝା ଏବଂ ଗୁଜରାଟର ଜଣେ ସାଥୀ ଯୁବତୀ ଏକ ସ୍କୁଟିରେ କନ୍ଧମାଳର ଦାରିଙ୍ଗବାଡିରୁ କଳାହାଣ୍ଡିର ଥୁଆମୂଳରାମପୁରକୁ ଫେରୁଥିଲେ । କଲ୍ୟାଣସିଂହପୁର ଅଞ୍ଚଳରେ ପହଞ୍ଚିବା ବେଳକୁ ପ୍ରାୟ ସନ୍ଧ୍ୟା ୭ ହୋଇ ସାରିଥିଲା । ଗୁଗଲ୍ ମ୍ୟାପ୍ ସହାୟତାରେ ସର୍ଟକଟ୍ ଦେଇ ଯିବାକୁ ଉଭୟେ ଉଦ୍ୟମ କରି ନାଗାବଳୀ ନଦୀ କୂଳରେ ପହଞ୍ଚିଥିଲେ । ସେଠାରେ ଜଣେ ବୟସ୍କ ଲୋକ ସେମାନଙ୍କୁ କହିଲେ, ନକ୍ସଲ ପ୍ରଭାବିତ ଅଞ୍ଚଳ । ରାସ୍ତା ଭଲ ନାହିଁ । ଆପଣମାନେ ବାହାର ଲୋକ । ଓଡିଆ ଜାଣନ୍ତି ନାହିଁ । ରାତିରେ ସେ ବାଟ ଦେଇ ଯାଆନ୍ତୁ ନାହିଁ । ତେଣୁ ଉଭୟେ ପଛକୁ ଫେରିଥିଲେ । କିଛି ବାଟ ଫେରିବା ପରେ ସିଲେଟ ପଞ୍ଚାୟତର ଡାଣ୍ଡପଦର ନିକଟରେ କୌଣସି କାରଣରୁ ଗାଡିର ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା । ଏହି ସମୟରେ ୫/୬ ଜଣ ଯୁବକ ସେଠାରେ ସେମାନଙ୍କୁ ପ୍ରଶ୍ନ କରିବା ଆରମ୍ଭ କରିଥିଲେ । ଉଭୟେ ହିନ୍ଦୀରେ ଉତ୍ତର ଦେବା ସହ ନିଜର ଏନଜିଓ ପରିଚୟ ପତ୍ର ଦେଖାଇଥିଲେ । ତଥାପି ଯୁବକମାନେ ସ୍କୁଟି ଚାବି ଛଡାଇ ନେବାକୁ ଏବଂ କାବୁ କରିବାକୁ ଉଦ୍ୟମ କରିଥିଲେ । କୌଣସି ପ୍ରକାରେ ଉଭୟ ସେମାନଙ୍କଠାରୁ ଖସି ଦ୍ରୁତ ଗତିରେ ସ୍କୁଟି ଚଳାଇ ପଳାଇ ଆସିଥିଲେ । କିନ୍ତୁ ଯୁବକମାନେ ସେମାନଙ୍କୁ ବିଭିନ୍ନ ଗାଡିରେ ପିଛା କରିଥିଲେ । ଏହି ସମୟରେ ପାଖଆଖ ଗାଁର କିଛି ଲୋକଙ୍କୁ ସେମାନେ ମୋବାଇଲ ଫୋନ ଯୋଗେ ସୂଚନା ଦେଇଥିଲେ ଯେ ଦୁଇ ଜଣ ପିଲା ଚୋର ଖସି ପଳାଉଛନ୍ତି । ପ୍ରାୟ ୧୨ କିଲୋମିଟର ପର୍ଯ୍ୟନ୍ତ ଯୁବକମାନେ ପିଛା କରିଥିଲେ ।

# ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ରାଜ୍ୟ ସରକାରଙ୍କ ନୂତନ ଏସ୍‌ଓପି ଜାରି

ଭୁବନେଶ୍ୱର :ରାଜ୍ୟରେ ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସରଳ ଓ ସମନ୍ୱିତ କରିବା ଉଦ୍ଦେଶ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ ଆପାର୍ଟମେଣ୍ଟ ପଞ୍ଜୀକରଣ ନିମନ୍ତେ ଏକ ମାନକ କାର୍ଯ୍ୟପ୍ରଣାଳୀ (Standard Operating Procedure - SOP) ଜାରି କରିଛନ୍ତି।

ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଏବଂ ପରିଚାଳନା) ଆଇନ, ୨୦୨୩, ରିଅଲ୍ ଇଷ୍ଟେଟ୍ (ନିୟନ୍ତ୍ରଣ ଓ ବିକାଶ) ଆଇନ, ୨୦୧୬ ଏବଂ ପଞ୍ଜୀକରଣ ଆଇନ, ୧୯୦୮ର ବିଭିନ୍ନ ବ୍ୟାଖ୍ୟା କାରଣରୁ ସୃଷ୍ଟ ହେଉଥିବା ଅସ୍ପଷ୍ଟତା ଦୂର କରିବା ସହ ରାଜ୍ୟବ୍ୟାପୀ ଏକ ସମାନ ପ୍ରକ୍ରିୟା ଅନୁସରଣ ସୁନିଶ୍ଚିତ କରିବା ପାଇଁ ଏହି ଏସ୍‌ଓପି ପ୍ରଣୟନ କରାଯାଇଛି।

ନୂତନ ଏସ୍‌ଓପି ଅନୁଯାୟୀ ଆପାର୍ଟମେଣ୍ଟ୍ ସମ୍ବନ୍ଧୀୟ ପଞ୍ଜୀକରଣକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି— ପ୍ରି-ରେରା (Pre-RERA) ଆପାର୍ଟମେଣ୍ଟର ପୁନଃ ବିକ୍ରୟ, ପ୍ରି-ରେରା ପ୍ରକଳ୍ପରେ ବିକ୍ରୟ ହୋଇନଥିବା ଫ୍ଲାଟ୍‌ର ପ୍ରଥମ ବିକ୍ରୟ ଏବଂ ପୋଷ୍ଟ-ରେରା (Post-RERA) ଆପାର୍ଟମେଣ୍ଟ୍। ପ୍ରତ୍ୟେକ ବିଭାଗ ପାଇଁ ଆବଶ୍ୟକୀୟ ଦଲିଲପତ୍ର, ଯାଞ୍ଚ ପ୍ରକ୍ରିୟା ଏବଂ ପଞ୍ଜୀକରଣର ସର୍ତ୍ତାବଳୀ ସ୍ପଷ୍ଟ ଭାବେ ଏହି ନୂତନ ଏସଓପିରେ ନିର୍ଦ୍ଧାରଣ କରାଯାଇଛି। ପୋଷ୍ଟ-ରେରା ଆପାର୍ଟମେଣ୍ଟ କ୍ଷେତ୍ରରେ ପଞ୍ଜୀକରଣ ପୂର୍ବରୁ ଓଡ଼ିଶା ରେରା ପଞ୍ଜୀକରଣ (ଯେଉଁଠି ପ୍ରଯୁଜ୍ୟ), ଅକ୍ୟୁପାନ୍ସି ସାର୍ଟିଫିକେଟ୍, ଆଲଟିମାନଙ୍କ ସଂଘର ପଞ୍ଜୀକରଣ, ଧାରା-୯ ଅନୁଯାୟୀ ଘୋଷଣାପତ୍ରର ପଞ୍ଜୀକରଣ ଏବଂ ସାଧାରଣ କ୍ଷେତ୍ର ଓ ସୁବିଧାର ହସ୍ତାନ୍ତର ସମ୍ବନ୍ଧୀୟ ବ୍ୟବସ୍ଥା ପାଳନ ବାଧ୍ୟତାମୂଳକ କରାଯାଇଛି।

ସମ୍ପାଦକୀୟ

# ବିକାଶର ଧାରା, ଓଡିଶା ସାରା

ଓଡିଶାର ରାଜନୈତିକ ଏବଂ ସାମାଜିକ ଇତିହାସରେ ଜୁନ୍ ୨୦ତାରିଖ ଏକ ସ୍ମରଣୀୟ ଦିବସ ଭାବେ ଲିପିବଦ୍ଧ ହେବାକୁ ଯାଉଛି, କାରଣ ବର୍ତମାନର ଓଡିଶା ସରକାର ନିଜ ଶାସନ କାଳର ଦୁଇ ବର୍ଷ ସଫଳତାର ସହ ପୂରଣ କରିଥିବାବେଳେ ଏହି ଗୌରବମୟ ମୁହୂର୍ତକୁ ଆହୁରି ମହତ୍ୱପୂର୍ଣ୍ଣ କରିବା ପାଇଁ ଦେଶର ଦୁଇ ସର୍ବୋଚ୍ଚ ବ୍ୟକ୍ତିତ୍ୱ -ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସଙ୍ଗେ ଓଡିଶା ମାଟିରେ ପଦାର୍ପଣ କରୁଛନ୍ତି। ‘ବିକାଶର ଧାରା, ଓଡିଶା ସାରା’ ଏହି ସ୍ଲୋଗାନ କେବଳ ଏକ ପ୍ରଶାସନିକ ବାର୍ତା ନୁହେଁ, ବରଂ ଗତ ଦୁଇ ବର୍ଷ ମଧ୍ୟରେ ଓଡିଶାର ପ୍ରତିଟି କୋଣ ଅନୁକୋଣରେ ପହଂଚିଥିବା ପରିବର୍ତନ ଏବଂ ସମୃଦ୍ଧିର ଏକ ଜ୍ୱଳନ୍ତ ପ୍ରତିଫଳନ, ଯାହା ଆଜି ସାରା ରାଜ୍ୟକୁ ଏକ ନୂତନ ଆତ୍ମବିଶ୍ୱାସ ଭରିଦେଇଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଥିବା ସମନ୍ୱୟ ତଥା ‘ଡବଲ ଇଞ୍ଜିନ’ ଶାସନର ସଫଳ ରୂପାୟନ ଯୋଗୁଁ ଓଡିଶା ଆଜି ଦ୍ରୁତ ଆର୍ଥିକ ବିକାଶ ଏବଂ ସାମାଜିକ ସଂସ୍କାର ଦିଗରେ ଅଗ୍ରସର ହେଉଛି, ଯାହାକୁ ସ୍ୱୀକୃତି ଦେବା ପାଇଁ ସ୍ୱୟଂ ପ୍ରଧାନମନ୍ତ୍ରୀ ଏବଂ ଓଡିଶାର ଗର୍ବ ମହାମହିମ ରାଷ୍ଟ୍ରପତିଙ୍କ ଏହି ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଗତ ଦୁଇ ବର୍ଷ ମଧ୍ୟରେ ଓଡିଶା ସରକାର କୃଷି, ଶିଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଭିତିଭୂମି ବିକାଶ କ୍ଷେତ୍ରରେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି, ଯାହାଦ୍ୱାରା ଗ୍ରାମାଚଂଳର ଗରିବ ଲୋକଙ୍କଠାରୁ ଆରମ୍ଭ କରି ସହରାଚଂଳର ବ୍ୟବସାୟୀ ପର୍ଯ୍ୟନ୍ତ ସମସ୍ତେ ଉପକୃତ ହୋଇପାରିଛନ୍ତି। ବିଶେଷ କରି ମହିଳା ସଶକ୍ତିକରଣ ଏବଂ ଜନଜାତି କଲ୍ୟାଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ନୂତନ ଯୋଜନାଗୁଡିକ ସମାଜର ଶେଷ ଧାଡିରେ ଥିବା ମଣିଷ ପାଖରେ ବିକାଶର ସୁଫଳ ପହଂଚାଇବାରେ ସଫଳ ହୋଇଛି ଏବଂ ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବହୁମୁଖୀ ମେଗା ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ରାଜ୍ୟର ଅର୍ଥନୀତିକୁ ଏକ ନୂଆ ଗତି ପ୍ରଦାନ କରିବ। କୃଷି କ୍ଷେତ୍ରରେ ଓଡିଶାର ଚାଷୀମାନଙ୍କ ପାଇଁ ସରକାର ଯେଉଁ ସହାୟତା ଏବଂ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିଛନ୍ତି, ତାହା ଦ୍ୱାରା ଧାନ ଉତ୍ପାଦନ ବୃଦ୍ଧି ପାଇବା ସହ ଚାଷୀଙ୍କ ଆୟ ଦ୍ୱିଗୁଣିତ ହୋଇପାରିଛି ଏବଂ କୃଷି ଭିତିକ ଶିଳ୍ପର ପ୍ରସାର ପାଇଁ ଅନେକ ନୂଆ ପଦକ୍ଷେପ ନିଆଯାଇଛି, ଯାହା ଓଡିଶାକୁ ଦେଶର ଏକ ପ୍ରମୁଖ ଖାଦ୍ୟ ଶସ୍ୟ ଯୋଗାଣକାରୀ ରାଜ୍ୟ ଭାବେ ପ୍ରତିଷ୍ଠିତ କରିଛି। ଶିଳ୍ପାୟନ କ୍ଷେତ୍ରରେ ମଧ୍ୟ ଓଡିଶା ଆଜି ବିଶ୍ୱର ବୃହତ ପୁଞ୍ଜିନିବେଶକାରୀଙ୍କ ପାଇଁ ପ୍ରଥମ ପସନ୍ଦ ପାଲଟିଛି, କାରଣ ସରକାରଙ୍କ ସ୍ୱଚ୍ଛ ନୀତି ଏବଂ ସରଳୀକୃତ ପ୍ରଶାସନିକ ବ୍ୟବସ୍ଥା ଯୋଗୁଁ କଳିଙ୍ଗନଗର, ଝାରସୁଗୁଡା ଏବଂ ପାରାଦୀପ ଭଳି ଅଂଚଳ ଗୁଡିକରେ ହଜାର ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି, ଯାହା ଓଡିଶାର ସ୍ଥାନୀୟ ଯୁବପିଢିଙ୍କ ପାଇଁ ବ୍ୟାପକ ରୋଜଗାରର ସୁଯୋଗ ସୃଷ୍ଟି କରିଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାର ସଫଳ ରୂପାୟନ ଏବଂ ରାଜ୍ୟର ନିଜସ୍ୱ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମର ମିଶ୍ରଣ ଯୋଗୁଁ ଓଡିଶାର କୋଟି କୋଟି ଗରିବ ପରିବାର ଆଜି ବିନା ମୂଲ୍ୟରେ ଦେଶର ପ୍ରତିଷ୍ଠିତ ମେଡିକାଲଗୁଡିକରେ ଗୁରୁତର ରୋଗର ଚିକିତ୍ସା ପାଇପାରୁଛନ୍ତି ଏବଂ ଏହା ସହିତ ପ୍ରତି ଜିଲ୍ଲାରେ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ହେବା ଦ୍ୱାରା ରାଜ୍ୟର ସ୍ୱାସ୍ଥ୍ୟ ଭିତିଭୂମି ଆହୁରି ସୁଦୃଢ ହୋଇଛି। ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ସରକାରୀ ବିଦ୍ୟାଳୟଗୁଡିକର ରୂପାନ୍ତରୀକରଣ କରାଯାଇଛି ଯେଉଁଠାରେ ସ୍ମାର୍ଟ କ୍ଲାସରୁମ୍ ଏବଂ ଅତ୍ୟାଧୁନିକ ଲାବୋରେଟୋରୀ ମାଧ୍ୟମରେ ଗରିବ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି, ଯାହା ଓଡିଶାର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଏକ ବଡ ସଫଳତା। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଯିଏ କି ଓଡିଶାର ମାଟିର କନ୍ୟା ଏବଂ ଜନଜାତି ସମାଜରୁ ଆସି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ଅଳଙ୍କୃତ କରିଛନ୍ତି, ତାଙ୍କର ଓଡିଶା ଗସ୍ତ ରାଜ୍ୟର ଜନଜାତି ଏବଂ ପଛୁଆ ବର୍ଗର ଲୋକଙ୍କ ପାଇଁ ଏକ ଅପୂର୍ବ ପ୍ରେରଣା ସଦୃଶ, କାରଣ ସରକାରଙ୍କ ଗତ ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଭଳି ଆଦିବାସୀ ବହୁଳ ଅଂଚଳରେ ରାସ୍ତାଘାଟ ପାନୀୟ ଜଳ ଏବଂ ବିଦ୍ୟୁତିକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ କରାଯାଇ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ପୂର୍ବୋଦୟ’ ପରିକଳ୍ପନା ଅନୁଯାୟୀ, ଭାରତର ସାମଗ୍ରିକ ବିକାଶ ପାଇଁ ପୂର୍ବ ଭାରତ ତଥା ଓଡିଶାର ବିକାଶ ଅତ୍ୟନ୍ତ ଅପରିହାର୍ଯ୍ୟ ଏବଂ ସେଥିପାଇଁ କେନ୍ଦ୍ର ସରକାର ଓଡିଶାର ରେଳବାଇ, ଜାତୀୟ ରାଜପଥ ଏବଂ ବନ୍ଦର ଭିତିଭୂମି ପାଇଁ ରେକର୍ଡ ପରିମାଣର ଅନୁଦାନ ପ୍ରଦାନ କରିଛନ୍ତି, ଯାହା ଆଜି ଏହି ଦୁଇ ବର୍ଷର ଶାସନ କାଳରେ ସ୍ପଷ୍ଟ ଦୃଶ୍ୟମାନ ହେଉଛି। ଓଡିଶାର ପ୍ରାଚୀନ ସଂସ୍କୃତି, ଐତିହ୍ୟ ଏବଂ ପର୍ଯ୍ୟଟନ ସ୍ଥଳୀଗୁଡିକର ବିକାଶ ପାଇଁ ମଧ୍ୟ ସରକାର ସ୍ୱତନ୍ତ୍ର ପ୍ୟାକେଜ୍ ଜରିଆରେ କାର୍ଯ୍ୟ କରୁଛନ୍ତି, ଯେଉଁଥିରେ ଶ୍ରୀକ୍ଷେତ୍ର ପୁରୀ, ସମଲେଶ୍ୱରୀ ପୀଠ ଏବଂ କୋଣାର୍କର ସାମଗ୍ରିକ ରୂପାନ୍ତରୀକରଣ କରାଯାଇ ବିଶ୍ୱ ସ୍ତରରେ ଓଡିଶାର ପରିଚୟକୁ ଆହୁରି ଉଜ୍ଜ୍ୱଳ କରାଯାଇଛି, ଯାହା ରାଜ୍ୟକୁ ପର୍ଯ୍ୟଟନ ଶିଳ୍ପ କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢି ତୋଳିଛି ।

# ‘ଠାକୁର ଚାଲିଲେ ଦୁଇ ପାଦ’



**ନିଝାର ଅଲ୍ଲୀ ଦାମାନୀ,**
ବଚ୍ପନ ପ୍ଲେ ସ୍କୁଲ,ଅନୁଗୋଳ,
ମୋବାଇଲ୍-୯୮୫୩୩୫୩୭୦୬

**ସେ**ଦିନ ଥିଲା ରବିବାର। ଛୁଟିଦିନ, ଗାଁ ମନ୍ଦିରରେ ପ୍ରବଚନ ଚାଲିଥାଏ । ସୁଦୂର କାଶୀରୁ ଜଣେ ପଣ୍ଡିତ ଆସିଥାନ୍ତି। ଭଗବାନଙ୍କ ଅସ୍ତିତ୍ୱ ଏବଂ ମାହାତ୍ମ୍ୟ ବିଷୟରେ ସରଳ ଭାଷାରେ ବୁଝାଉଥାନ୍ତି । ଛୁଟିଦିନ ଥିବାରୁ ସମସ୍ତ ଗ୍ରାମବାସୀ ମନ୍ଦିର ସାମ୍ନାରେ ଖୋଲା ଆକାଶ ତଳେ ଆୟୋଜକ ମାନେ ପକାଇଥିବା ଦରି ଉପରେ ବସି ମନଦେଇ ପ୍ରବଚନ ଶୁଣୁଥାନ୍ତି। ପଣ୍ଡିତଙ୍କ ପ୍ରବଚନ ଏତେ ମନଛୁଆଁ ଥିଲା ଯେ କେହି ହେଲେ ଯିବା ପାଇଁ ଚାହୁଁନଥାନ୍ତି। କେତେବେଳେ ରାତି ନଅ ଟା ବାଜିଗଲାଣି କେହି ଜାଣି ପାରିଲେ ନାହିଁ।

ହଠାତ କୁଆଡୁ କେଜାଣି ବର୍ଷା ମାଡି ଆସିଲା। ଯିଏ ଯେଉଁଠି ପାଇଲେ ସେଇଠି ଆଶ୍ରୟ ନେଲେ। ପ୍ରାୟ ଦଶ ମିନିଟ ପ୍ରବଳ ବର୍ଷା ପରେ ଆକାଶ ସଫା ହୋଇଗଲା। ଯେହେତୁ ବସିବା ଦରି ଓଦା ହୋଇଯାଇଥିଲା ସେଥିପାଇଁ ପ୍ରବଚନ ସମାପ୍ତ ଘୋଷଣା କରାଗଲା। ଭକ୍ତ ଓ ଆୟୋଜକ ମାନଙ୍କ ମନରେ ବହୁତ ଦୁଃଖ ହେଲା।

ହଠାତ ମନ୍ଦିର କମିଟିର ସଭାପତି ଘୋଷଣା କଲେ ଆଜି ଏତେ ସୁନ୍ଦର ପ୍ରବଚନ ବର୍ଷା ପାଇଁ ବନ୍ଦ କରିବାକୁ ପଡିଲା। ମୁଁ ଏବଂ ଆମ ମନ୍ଦିର କମିଟିର ସମସ୍ତ ସଦସ୍ୟ ଆଲୋଚନା ମାଧ୍ୟମରେ ଏହି ନିଷ୍ପତି ନେଇଛୁ ଯେ ଆସନ୍ତା ତିରିଶ ଦିନ ମଧ୍ୟରେ ମନ୍ଦିର ପ୍ରାଙ୍ଗଣରେ ଏକ ଛାତ ତିଆରି ହେବ ଏବଂ ଏଥିପାଇଁ ପ୍ରାୟ ଅଢେଇ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ ହେବ। ଆମେ ସମସ୍ତେ ଗ୍ରାମବାସୀଙ୍କୁ ଅନୁରୋଧ କରୁଅଛୁ ଯେ ଆସନ୍ତା ସାତ ଦିନ ମଧ୍ୟରେ ଯିଏ ଯେତିକି ସମ୍ଭବ କୋଷାଧ୍ୟକ୍ଷ୍ୟ ମହାଶୟଙ୍କ ପାଖରେ ପୈଠ କରି ରସିଦ ନେଇଯିବେ। ଏହାପରେ କରତାଳି ଦେଇ ସମସ୍ତେ ନିଜେ ନିଜ ଘରକୁ ଚାଲିଗଲେ।

ପରଦିନ ସକାଳୁ କୋଷାଧ୍ୟକ୍ଷଙ୍କ ଘର କବାଟରେ ଠକ ଠକ ଶବ୍ଦ ଶୁଣାଗଲା। କୋଷାଧ୍ୟକ୍ଷ ମହାଶୟ କବାଟ ଖୋଲି ଦେଖିଲେ ଜଣେ ଚିରା ଓ ମଇଳା ଲୁଗା ପିନ୍ଧିଥିବା ଭିକାରୀ ଜଣେ ମହିଳାଙ୍କ ସାଙ୍ଗରେ ଠିଆ ହୋଇଛନ୍ତି। ସକାଳୁ ସକାଳୁ ଭିକାରୀ କୁ ଦେଖି ସେ ବିରକ୍ତ ହୋଇ କହିଲେ - କଣ ସକାଳୁ ସକାଳୁ କିଛି କାମ ନାହିଁ। ଆସିଗଲ ବିରକ୍ତ କରିବାପାଇଁ। ଏହା କହି ସେ କବାଟ ବନ୍ଦ କରିବା ବେଳେ ଭିକାରୀଟି କହିଲା - ଆଜ୍ଞା କବାଟ ବନ୍ଦ କରନ୍ତୁ ନାହିଁ, ମୁଁ ଆଜି ଭିକ ମାଗିବାକୁ ଆସିନାହିଁ।

ତା ହେଲେ ସକାଳୁ ସକାଳୁ କାହିଁକି ହଇରାଣ କରୁଛ।

ଆଜ୍ଞା କାଲି ମନ୍ଦିରରେ ହେଉଥିବା ପ୍ରବଚନ ଶୁଣିବାକୁ ଯାଇଥିଲି। ବର୍ଷା ଯୋଗୁଁ ପ୍ରବଚନ ବନ୍ଦ ହେବା ପରେ ମନ୍ଦିର ସଭାପତି ଘୋଷଣା କରିଥିଲେ ଯେ ସମସ୍ତଙ୍କ ସହଯୋଗରେ ମନ୍ଦିର ସାମନା ରେ ଏକ ଛାତ ତିଆରି ହେବ। ଏଣୁ ଆମେ ଆମର ସଞ୍ଚିତ ଧନକୁ ମନ୍ଦିରର ଏହି ମହତ୍ କାର୍ଯ୍ୟ ପାଇଁ ଦାନ କରିବା ପାଇଁ ଆସିଛୁ।

ତୁ ଗୋଟେ ଭିକାରୀ କେତେ ଟଙ୍କା ଦେବୁ ଯେ ସକାଳୁ ସକାଳୁ ଚାଲି ଆସିଲୁ।

ଆଜ୍ଞା ମୁଁ କାଲି ମନ୍ଦିରରୁ ଫେରି ମୋ ସ୍ତ୍ରୀ କୁ ସବୁ କଥା କହିଲି। ସ୍ତ୍ରୀ କହିଲା ଏହାତ ବହୁତ ଭଲ କଥା। ମନ୍ଦିର କାମ। ମୁଁ ଭାବୁଛି ଆମେ ଘର ତିଆରି ପାଇଁ ରଖିଥିବା ଅଢେଇ ଲକ୍ଷ ଟଙ୍କା ମନ୍ଦିର କାମ ପାଇଁ ଦାନ କରିଦେବା। ତେଣୁ ଆଜ୍ଞା ଆମେ ସକାଳୁ ସକାଳୁ ଆପଣଙ୍କ ପାଖକୁ ଆସିଛୁ। ଏହା କହି ଭିକାରୀ ଟି ହାତରେ ଧରିଥିବା ମଇଳା ବ୍ୟାଗ ଟି କୋଷାଧ୍ୟକ୍ଷ୍ୟ ଙ୍କୁ ବଢ଼ାଇ ଦେଲା।କୋଷାଧ୍ୟକ୍ଷ୍ୟ ବ୍ୟାଗଟି ଖୋଲି ଦେଖିଲେ ପ୍ରକୃତରେ ବ୍ୟାଗରେ ବହୁତ ଟଙ୍କା ଅଛି। ସେ କହିଲେ ତୁମେ ଏତେ ଟଙ୍କା ଆଣିଲ କେଉଁଠୁ ଆଉ ତୁମେ ଘର ତିଆରି ପାଇଁ ରଖିଥିବା ଟଙ୍କା ମନ୍ଦିର ପାଇଁ କାହିଁକି ଦାନ କରୁଛ ?

ଆଜ୍ଞା ମୁଁ ଭିକ ମାଗେ ଆଉ ମୋ ସ୍ତ୍ରୀ ଦିନ ମଜୁରିଆ। ଆମେ ଯାହା ପାଉ ସେଥିରେ ଭଲରେ ଦୁଇ ମୁଠା ଖାଇଦେଇ ଯାହା ବଳେ ତାକୁ ରଖିଦେଉ। ଆମେ ତ ସରକାରୀ ଜାଗାରେ ଥିବା ଭଙ୍ଗା ଘରଟିରେ ପାଲ ଘେରି ଚଳି ଯାଉଛୁ।

ଆମେ ଭାବିଥିଲୁ ଏହି ସଞ୍ଚିତ ଟଙ୍କାରେ ଗାଁ ରେ ଥିବା ଗୁଣ୍ଠେ ଜମିରେ ଏ ବର୍ଷ ଘର ତିଆରି କରିବୁ, କିନ୍ତୁ ଜାଣିଲୁ ଯେ ଘର ତିଆରି ପାଇଁ ପାଞ୍ଚ ଲକ୍ଷ ଟଙ୍କା ଦରକାର। ତେଣୁ କାଲି ରାତିରେ ଆମେ ସ୍ଥିର କଲୁ ଯେ ଏହି ସଞ୍ଚିତ ଧନରେ ମନ୍ଦିରର ଛାତ ତିଆରି ହୋଇଯିବ ଏବଂ ଠାକୁରଙ୍କ କୃପାଥିଲେ ପୁଣି କିଛି କିଛି ଟଙ୍କା ସଂଚୟ କରି ଭବିଷ୍ୟତରେ ଘର ତିଆରି କରିନେବୁ।ଏହା ଶୁଣି କୋଷାଧ୍ୟକ୍ଷ ଅବାକ ହୋଇଗଲେ। ତାଙ୍କ ଠାରୁ ଟଙ୍କା ବ୍ୟାଗ ନେଇ କହିଲେ ଆଜି ମୁଁ କମିଟି ସଭ୍ୟଙ୍କ ସହିତ କଥା ହେଲା ପରେ ତୁମ ଟଙ୍କା ରଖିବି ଏବଂ ରସିଦ ଦେବି। ତୁମେ କାଲି ଆସିବ। ସ୍ୱାମୀ ସ୍ତ୍ରୀ ମୁଣ୍ଡିଆ ମାରି ସେଠାରୁ ଚାଲିଗଲେ।

କୋଷାଧ୍ୟକ୍ଷ୍ୟ ମହାଶୟ ସଙ୍ଗେ ସଙ୍ଗେ ମନ୍ଦିରକୁ ଯାଇ ଏକ ଜରୁରୀ କାଳୀନ ବୈଠକ ଡକାଇଲେ। ସଭାପତି, ସମ୍ପାଦକ ଏବଂ ଅନ୍ୟ ସଭ୍ୟ ମାନେ ଭିକାରୀ ଟିକୁ ଭୁରି ଭୁରି ପ୍ରଶଂସା କଲେ ଏବଂ ଅଢେଇ ଲକ୍ଷ ଟଙ୍କାର ରସିଦ ଭିକାରୀ ପାଖକୁ ପଠେଇଦେଲେ।

ଏହି କଥା ଗାଁ ରେ ବିଜୁଳି ବେଗରେ ପ୍ରଚାରିତ ହେଇଗଲା ଏବଂ ଗାଁ ର ସମସ୍ତ ବ୍ୟକ୍ତି ଖୋଲା ମନରେ ମନ୍ଦିର ପାଇଁ ଦାନ କରିବାକୁ ଲାଗିଲେ। ସାତ ଦିନ ପରେ ମନ୍ଦିର ପ୍ରାଙ୍ଗଣରେ ଏକ ସଭାର ଆୟୋଜନ କରାଗଲା ଓ ସେହି ଭିକାରୀ ଏବଂ ତା ସ୍ତ୍ରୀ କୁ ମଧ୍ୟ ଆସିବା ପାଇଁ କୁହାଗଲା।

ସଭା ଆରମ୍ଭରେ ସଭାପତି ଦାନରେ ମିଳିଥିବା ପରିମାଣ ବିଷୟରେ କହିଲେ ଯେ, ବହୁତ ଖୁସିର କଥା - ସମସ୍ତ ଗ୍ରାମବାସୀ ଏହି ପବିତ୍ର କାର୍ଯ୍ୟ ପାଇଁ ଖୋଲା ମନରେ ଦାନ କରିଛନ୍ତି। ଆମେ ପାଇଥିବା ଦାନର ପରିମାଣ ଦଶ ଲକ୍ଷ ପନ୍ଦର ହଜାର ଟଙ୍କା ଏବଂ ଏହି ଦାନ ଦେବାର ପ୍ରୟାସ ଆରମ୍ଭ କରିଥିଲେ ଆମ ଗାଁ ରେ ଥିବା ଏକ ସରକାରୀ ଜାଗା ରେ ପାଲ ଘେରାରେ ରହୁ ଥିବା ଜଣେ ଭିକାରୀ, ଯାହାର ନାମ ହେଉଛି ଧନେଶ୍ୱର। ସେ ତାଙ୍କ ଭିକ ଏବଂ ତାଙ୍କ ସ୍ତ୍ରୀଙ୍କ ଦିନ ମଜୁରି ଟଙ୍କା ନିଜ ଘର ତିଆରି ପାଇଁ ଅଢେଇ ଲକ୍ଷ ଟଙ୍କା ରଖିଥିଲେ। କିନ୍ତୁ ସେ ଏହି ଟଙ୍କା କୁ ମନ୍ଦିରକୁ ଦାନ କରିଛନ୍ତି। ସେଥିପାଇଁ ତାଙ୍କୁ ଆମେ କରତାଳି ଦେଇ ସ୍ୱାଗତ କରିବା ଏବଂ ସମସ୍ତ କମିଟି ସଭ୍ୟ ସ୍ଥିର କରିଛନ୍ତି ଯେ ଏହି ଦାନ ଟଙ୍କାରୁ ଆମେ ପାଞ୍ଚ ଲକ୍ଷ ଟଙ୍କା ଦେବା ଧନେଶ୍ୱରଙ୍କ ଘର ତିଆରି ପାଇଁ। ଯଦି ଆପଣ ମାନେ ଏହି ପ୍ରସ୍ତାବକୁ ଅନୁମୋଦନ କରନ୍ତି ତେବେ କରତାଳି ଦେଇ ଜଣାଇବେ। ଏତିକି ଶୁଣିବା ମାତ୍ରେ ସମସ୍ତେ ଜୋର ରେ କରତାଳି ମାରିବାରେ ଲାଗିଲେ।

ଧନେଶ୍ୱର ସାମ୍ନାକୁ ଆସି ସମସ୍ତଙ୍କୁ ଜୁହାର କରି କହିଲେ ଆଜ୍ଞା ଆମେ ସ୍ୱାମୀ ସ୍ତ୍ରୀ ମନ୍ଦିରର ଉନ୍ନତି ପାଇଁ ସ୍ୱଇଚ୍ଛାରେ ଏହି ଟଙ୍କା ଦାନ କରିଥିଲୁ କିନ୍ତୁ ଆପଣ ମାନେ ଏହାକୁ ଦୁଇଗୁଣ କରି ଫେରାଉଛନ୍ତି।ଏହା ଠିକ ନୁହେଁ। ତୁମେ ସେମିତି ଭାବ ନାହିଁ। ତୁମ ଟଙ୍କା ପ୍ରକୃତରେ ମନ୍ଦିର କାମରେ ଲାଗିବ କିନ୍ତୁ ତୁମେ ପ୍ରଥମେ ଯେପରି ନିଃସ୍ୱାର୍ଥପର ହୋଇ ନିଜର ଘର କରିବାପାଇଁ ସଞ୍ଚିତ ଅର୍ଥ ଠାକୁରଙ୍କ କାମରେ ଦାନ କଲ, ଠିକ ସେହିପରି ବୋଧେ ଠାକୁରଙ୍କ ଇଚ୍ଛା ଓ ଗ୍ରାମବାସୀଙ୍କ ନିଷ୍ପତ୍ତି।ତେଣୁ ତୁମେ କିଛି ନ ଭାବି ଏହି ଟଙ୍କା ଗ୍ରହଣ କର।ସେଥିପାଇଁ ତ କୁହନ୍ତି ଯଦି ଠାକୁରଙ୍କ ପାଖକୁ ତୁମେ ଗୋଟିଏ ପାଦ ବଢାଇବ ତେବେ ଠାକୁର ତୁମ ଆଡ଼କୁ ଦୁଇ ପାଦ ବଢ଼ାଇବେ। ଧନେଶ୍ୱର ଟଙ୍କା ଗ୍ରହଣ କରି ସମସ୍ତଙ୍କୁ ଧନ୍ୟବାଦ ଜଣାଇଲା ଏବଂ ଦୁଇ ହାତ ଯୋଡି ସବୁ ଦେଖି ଦେଖା ଦେଉନଥିବା ଠାକୁରଙ୍କୁ ପ୍ରଣିପାତ ଜଣାଇଲା।

## ବନ୍ଧୁ ବାନ୍ଧବୀଙ୍କ ସ୍ନେହ

ଯାଇଥିଲୁ ଆମେ ଯାଇଥିଲୁ
ରତନୀ ନାନୀଙ୍କ ଶୁଦ୍ଧ କ୍ରିୟା କାମେ
ବାରୁଆଁ ରେ ଯୋଗ ଦେଇଥିଲୁ
ସତ୍ୟବାଦୀ,ଜାପୀ, ସଞ୍ଜୁ ଘରେ ରହି
ସୁନ୍ଦର ଆତିଥ୍ୟ ପାଇଥିଲୁ ।
ଯାଇଥିଲୁ ଆମେ ଯାଇଥିଲୁ...
ଲିପି, ଦୀପି, ଡୁଡୁଲ୍, ପାପୁନ୍ କୁ ଦେଖି
କେତେ ଆନନିତ ହୋଇଥିଲୁ ।
ଜାପୀ ଶାଳୀ ମୋର ଦେଖି ଖୁସି ହେଲା
ତାଙ୍କ ଏସି ଘରେ ଶୋଇଥିଲୁ ।
ଯାଇଥିଲୁ ଆମେ ଯାଇଥିଲୁ
ବବୀ ସୋନୀ ଘରେ ରୋଷେଇ ହୁଏନି
ଚୁଡ଼ା,ଦହି,ବୁନ୍ଦି ଖାଇଥିଲୁ ।
ସତ୍ୟବାଦୀ ସତ୍ତୁ ବହୁତ ବଢିଆ
ତାଙ୍କ ସ୍ନେହ ଶ୍ରଦ୍ଧା ପାଇଥିଲୁ ।
ଯାଇଥିଲୁ ଆମେ ଯାଇଥିଲୁ...
ହେବ ନାହିଁ ଭୁଲି ହେବନାହିଁ
ଆମ ବନ୍ଧୁ ଘର ଅତିଥି ଚରଚା
କେବେ ବି ମନରୁ ଯିବ ନାହିଁ ।

ଜଗନ୍ନାଥ ପାଶେ ଏଇ ଅଳି ଆମ
ମୋ ବନ୍ଧୁଙ୍କୁ ଦୁଃଖ ଦେବ ନାହିଁ ।
କେହି କହିବେନି ଅତିଥି ଙ୍କ ପାଇଁ
ସ୍ନେହ ଦେଇ କିଛି ଲାଭ ନାହିଁ ।
ହେବ ନାହିଁ ଭୁଲି ହେବନାହିଁ
ଦୁନିଆ ଚାଲିଛି ସ୍ନେହ ଆଦରରେ
ଏମିତି ଟିକିଏ ଭାବ ପାଇଁ ।
ସମସ୍ତଙ୍କ ସାହା ଭରସା ହୁଅନ୍ତୁ
ସେହି ପ୍ରଭୁ ଜଗତର ସାଇଁ ।
ଭଲ ରଖିଥାନ୍ତୁ ସେଇ ସାଇଁ ।



**କବିଜ୍ୟୋତି ନିରଞ୍ଜନ ପତି**
**ମୋ:୯୯୩୮୧୩୩୫୫୯**

## ଆ' ଲୋ ବଉଳ ଖେଳିବା ଦୋଳି

ଆ' ଆ'ଲୋ ବଉଳ ଖେଳିବା ଦୋଳି
ଆସିଅଛି ରଜ ପସରା ମେଲି ।
ଗାଆଁ ଦାଣ୍ଡ ସାରା ଆନନ୍ଦ ଖେଳ
ମନରେ ଭରିଛି ହସର ମେଳ ।
ଆମ୍ବ ଗଛ ଡାଳେ ଝୁଲଇ ଦୋଳି
ଦୋଳି ଖେଳି ଯିବା ସାଥୀଏ ମିଳି।
କୁହୁ କୁହୁ ଡାକେ କୋଇଲି ରାଣୀ,
ଗାଉଥାଏ ଗୀତ ମାରି ଫୁଟାଣି ।
ନୂତନ ପୋଷାକ ପିନ୍ଧିକି ଯିବା
ହସି ହସି ଖେଳି ରଜେ ମଜିବା ।
ରଜ ପୋଡ଼ପିଠା ବାସ ଚହଟେ
ମିଠା ମିଠା ଖୁସି ମନକୁ ଛୁଟେ ।
ପ୍ରଜାପତି ଉଡ଼େ ଫୁଲ ବନରେ
ଭ୍ରମର ଗୁଞ୍ଜଇ ମଧୁର ସୁରେ ।
ସବୁଜ କ୍ଷେତରେ ପବନ ବହେ
ପ୍ରକୃତି ହସିକି ସଙ୍ଗୀତ ଗାଏ ।
ସାଙ୍ଗସାଥୀ ମିଶି ଖେଳିବା ଖେଳ
ମନେ ନ ରଖିବା କେବେ ବି ଛଳ।
ଭାଇଚାରା ବାର୍ତ୍ତା ସାଥିରେ ନେଇ
ସ୍ନେହ ଶ୍ରଦ୍ଧା ପ୍ରେମେ ଯିବା ଆଗେଇ ।



ଆ ଆ' ଲୋ ବଉଳ ଦୋଳି ଖେଳିବା
ବନସ୍ତେ ଡାକିଲା.... ଗୀତ ଗାଇବା ।
ସୁଖରେ କାଟିବା ରଜର ବେଳ
ସୁନା ହେବ ଆମ ଶୈଶବ କାଳ ।



**ରମେଶ ଚନ୍ଦ୍ର ନାୟକ**
**କେଶରପୁର , ବକ୍ସି ବଜାର , କଟକ ମୋ :- ୭୯୭୮୧୫୧୭୧୦.**

## ଜଳ ହିଁ ଜୀବନ



**ବଟକୃଷ୍ଣ ପଣ୍ଡା,**
ଭେରୁଣିଆ ଢେଙ୍କାନାଳ

କଥାରେ ଅଛି ‘ ଜଳ ବିହୁନେ ସୃଷ୍ଟି ନାଶ ,ଜଳ ବହୁଳେ ସୃଷ୍ଟି ନାଶ’ । ଆଜି ପୃଥିବୀ ଏକ ଗମ୍ଭୀର ସଙ୍କଟ ଆଡକୁ ଗତି କରୁଛି। ଦୈନନ୍ଦିନ ଜୀବନ ପାଇଁ ଆମେ ମୁଖ୍ୟତଃ ଜଳ ଉପରେ ନିର୍ଭର କରିଥାଆନ୍ତି। ଆଜି ଜଳର ଅଭାବ ,କଳ କାରଖାନାର ବୃଦ୍ଧି, ଦ୍ରୁତ ସହରୀକରଣ, ଗାଡି ମଟରରେ ଇନ୍ଧନ କିଛି ବିଷାକ୍ତ ପଦାର୍ଥ ପାଇଁ ଆଜି ପୃଥିବୀ ଉତ୍ତପ୍ତ ହୋଇଉଠିଛି। ତାକୁ ଶୀତଳ କରିବାକୁ ହେଲେ ପ୍ରକୃତିକୁ ବଞ୍ଚାଇବାକୁ ହେବ। ସଭ୍ୟତାର ଶିଖର ଚଢ଼ିବା ନିଶାରେ ବିଳାସ,ବିକାଶ ପଛରେ ମଣିଷ ଧାଉଁଛି ଅହରହ। କିନ୍ତୁ ପ୍ରଗତିର ପ୍ରତିଟି ପାଦରେ ସେ ବଳି ପକାଉଛି ଜଳ ସମ୍ପଦକୁ। ପ୍ରତି ମୁହୂର୍ତ୍ତରେ ହେଉଛି କୋଟି କୋଟି ଲିଟର ଜଳର ଅପଚୟ। ଲୁଣ୍ଠନର ଏହି ଧାରା ଯଦି ଅବ୍ୟାହତ ରହେ ତେବେ ଦିନ ଆସିବ ଯେବେ ପୃଥିବୀରୁ ଶୁଖିଯିବ ଭୂତଳ ଜଳ। ପୃଥିବୀର ତିନି ଶତକଡ଼ା ଜଳ ମଧୁର ମାତ୍ର ପାଞ୍ଚ ଶତକଡ଼ା ମାନବର ବ୍ୟବହାର ପାଇଁ ଉପଯୋଗୀ ଓ ଉପଲବ୍ଧ। ଏହା ଭିତରେ ପୁଣି ମରୁଡି ଏବଂ ଜଳାଭାବର ଦାଉ। ସବୁଠି ହେଉଛି ଜଳର ଅପଚୟ। କଳ କାରଖାନା ବୃଦ୍ଧି ଦୃତ ସହରୀକରଣ ପାଇଁ ଭୂତଳ ଜଳ ହେଉଛି ମାତ୍ରାଧିକ ବ୍ୟବହାର। ପ୍ରତ୍ୟେକ କ୍ଷେତ୍ରରେ ହେଉଛି ଜଳର ଅହେତୁକ ଅପଚୟ। ବିଡମ୍ବନାର ବିଷୟ ଏହିକି ଯେ ଯେଉଁ ଆଧୁନିକତାକୁ ଆମେ ଆମର ସୁବିଧା ଓ ସବୁଜ ଭବିଷ୍ୟତ ପାଇଁ ଆପଣାଇଛୁ ତାହା ପ୍ରକୃତରେ ପୃଥିବୀକୁ ଜଳହୀନ ମରୁଭୂମି ଆଡକୁ ଟାଣି ନେଉଛି ଜଳ ଅପଚୟ ହେବାର ଅନେକ କାରଣ ଅଛି। ସେଗୁଡିକ ହେଲା ଆଧୁନିକ ଲଣ୍ଡ୍ରି, ବାସନ ମଜା,ବିଦ୍ୟୁତ ଶକ୍ତି ଉତ୍ପାଦନ ଓ ଶିଳ୍ପ ପ୍ରକ୍ରିୟା, ଭର୍‌ଚୁଆଲ ପାଣି ବ୍ୟବହାର, ନିର୍ମାଣ କାମରେ ଜଳ ବ୍ୟବହାର ଔଷଧ ଶିଳ୍ପ, ପ୍ରସାଧନ ଉଦ୍‌ଯୋଗରେ ଭୂତଳ ଜଳ ଅପଚୟ ହେବା ସହିତ ଭୂଗର୍ଭସ୍ଥ ଜଳର ସ୍ତର ମଧ୍ୟ ଦିନକୁ ଦିନ ଆହୁରି ତଳକୁ ଖସି ଚାଲୁଛି।



ଜଳହିଁ ଜୀବନ ଏହି ମନ୍ତ୍ରକୁ ଆମକୁ ମୂଳମନ୍ତ୍ର କରିବାକୁ ହେବ । ବର୍ଷା ଜଳକୁ ଭୂତଳକୁ ଛାଡିବାକୁ ହେବ। ନଦ ଓ ନଦୀ ମାନଙ୍କରେ ବନ୍ଧ ବାଡର ବ୍ୟବସ୍ଥା କରି ଜଳକୁ ବାନ୍ଧି ରଖିବାକୁ ହେବ। ଆଜି ଭାରତ ଏକ ଗମ୍ଭୀର ଜଳ ସଙ୍କଟ ଦେଇ ଗତି କରୁଛି। ଦେଶର କୃଷି, ଶିଳ୍ପ ଏବଂ ନୈଦିନ ଜୀବନ ପାଇଁ ଆମେ ମୁଖ୍ୟତଃ ଭୂତଳ ଜଳ ଉପରେ ନିର୍ଭରଶୀଳ। କିନ୍ତୁ ଅତ୍ୟଧିକ ବ୍ୟବହାର ଏବଂ ଜଳ ସଂରକ୍ଷଣର ଅଭାବ ଯୋଗୁଁ ଆମ ଦେଶରେ ମଧ୍ୟ ଭୂତଳ ଜଳସ୍ତର ଦ୍ରୁତ ଗତିରେ ହ୍ରାସ ପାଉଛି। ଜଳର ଅପବ୍ୟବହାର ରୋକିବା ପାଇଁ ସାଧାରଣ ଜନତାଙ୍କୁ ସଚେତନ କରିବା ଜରୁରୀ।

## ଖରା

ଖରାଦିନେ ତାତି ଯାଏ ପାଦ
ବହିଯାଏ ସ୍ୱେଦ,
ପୋଡିଯାଏ ଦେହ ,ମନ ,ବନ
ନିଆଁ ବର୍ଷା କରେ ଗଗନ
ଆଖିରୁ ଲୁହ ନୁହେଁ ଲହୁ ଝରେ
ତୁମ ଘରେ ତ' ଏବେ ଶୀତ ଋତୁ
ତୁମର କ'ଣଟା ସରେ ।
ଲୁଗା ଚିପୁଡିଲା ପରି ଚିପୁଡି ଦିଏ
ଶେଷ ବୁନ୍ଦାକ ବି ବାହାରିଯାଏ
ସମସ୍ତେ ଦେଖନ୍ତି, ସମସ୍ତେ ଶୁଣନ୍ତି
କେହି କଣ କେବେ ପଚାରିଦିଏ ...!!
ରାସ୍ତା କଡରେ, ବସ୍ତା ଘୋଡ଼େଇ
ଶୋଇଯାଉ ଆମେ ଆଧାର ହୀନ
ଅସ୍ତିତ୍ୱ ଆମର କେବେବି ନଥିଲା
ବସ୍ତିରେ ଆମ ନିଆଁ ଲାଗିଗଲା
ତପ୍ତ ମାଟିରେ ,ସୁପ୍ତ ସ୍ଥିତିରେ
ଶସ୍ତାରେ ଗଲା ଜୀବନ
ନର୍କ ଯନ୍ତ୍ରଣା ଅର୍କ ଦେଉଛି
ପଡି ରହି ଖାଲି କାଟୁଛୁ ଦିନ



**ଦିଲିପ କୁମାର ତ୍ରିପାଠୀ**
**କୁନ୍ଦନଦେଇ ପୁର, ପରଜଙ୍ଗ, ଢେଙ୍କାନାଳ ,ମୋ-୯୭୭୮୧୦୬୧୦୫**

## ପିଲା ଦିନେ ଆମ ରଜ ପରବ

ପିଲାଦିନେ ଆମ ରଜ ପରବ,
ପାଳୁଥିଲେ ନେଇ କେତେ ଦରବ।
ଢେଙ୍କି କୁଟୁଥିଲା ଚାଉଳ ଚୂନା,
ଗାଁ କମ୍ପୁଥିଲା ଶବଦେ ସିନା।
ଦିନକ ପୂର୍ବରୁ ସର୍ବେ ତତ୍ପର,
ପୋଡ ପିଠା ପାଇଁ ଖଲି ପତର।
ସିଳେ ବଟା ହୁଏ ବିରି ଚାଉଳ,
ସେତେବେଳେ କିଛି ନଥିଲା କଳ।
ପୋଡ ପିଠାର ତ ଭାରି ଆଦର,
ଚକୁଳି କାକରା ହୁଏ ଚୁଲିର।
ବାପା ଆଣୁଥିଲେ ରିବନ ଫିତା,
ବାସ୍ନା ତେଲ ଆଉ ରଙ୍ଗ ଅଳତା।
ପାଉଡର ନଖପଚ୍ଚା ଟିକିଲି,
ନୂଆ ଜାମା ପିନ୍ଧି ଆସୁତ ବୁଲି।
ସଜବାଜ ହୋଇ ଦୋଳିରେ ଝୁଲ,
କାମ କିଛି ନାହିଁ ସାଇରେ ବୁଲ।
କଟା ବଟା ତିନି ଦିନ ନହୁଏ,
କରନ୍ତି ଏହାକୁ ପୁରୁଷ ପୁଏ।
ସ୍ଥାନେ ସ୍ଥାନେ ଝୁଲେ ବାଉଁଶ ଦୋଳି
ଚକ୍ର ଦୋଳି ଖେଳି ଛାଡୁ ବୋବାଳି।
ଘର ବାରଣ୍ଡାରେ ତାଆସ ମାଡ,
ଘେରି ଦେଖୁଥାନ୍ତି ପଲ ଖାଉଡ।
ଦଳେ ଖେଳିଥାନ୍ତି କାଚ କଉଡି,
ଲୁଡୁ ଖେଳୁଥାନ୍ତି ମାରି ଓଉଡି।
ଚକୁଳି ପିଠାକୁ ଖାସି ମାଉଁସ,
ବରା ପୋଡ ଖାଇ ପେଟ ଆଉଁସ।
ଗାଁ ପଡିଆରେ ବାଗୁଡି ଖେଳ,
ଭୂଲ୍ ହୋଇଗଲେ ଲାଗଇ ଗୋଳ।
ମାରି ଖିଲିପାନ କଳ ସନ୍ଧିରେ
ଦେଖାଉ ନାଲିଆ ପାଟି ଆନରେ।
ଓଡିଆଙ୍କର ଏ ଗଣ ପରବ,
କୃଷି ସଙ୍ଗେ ଯୋଡା ଆମର ସର୍ବ।
ବୀଜ ବୁଣିଥାଉ ରଜ ବାସିରେ,
ପୁଲ୍ଲକିତ ମନ ମାଟି ବାସ୍ନାରେ।
ଆମ ପରମ୍ପରା ଆମ ସଂସ୍କୃତି,
ପରସ୍ପର ମଧ୍ୟେ ରହିଛି ପ୍ରୀତି।



**ଲଲାଟେନ୍ଦୁ ବିଶ୍ୱାଳ**
**ଛାଟିଆ, ଢେଙ୍କାନାଳ।**

## ମାମୁ ଘର

ମାମୁଁ ଘର ଗଲେ
ଜୀବନ ଯାଏ ସୁଖରେ ବିତି
ସେଠି ଦେଖିବକୁ
ମିଳଇ ମା ' ର ସ୍ମୃତି।
ଅଜା ଆଈଙ୍କ ସ୍ନେହରେ
ଥାଏ ସ୍ୱର୍ଗର ସୁଖ
ଛୁଟିବେଳେ ମନେ ପଡ଼ିଯାଏ
ମାମୁଁ, ମାଇଁ ଙ୍କ ମୁଖ।
ମାମୁ ଘରକୁ ଗଲେ
ନିଜ ଘର ଆଉ ମାନେ ପଡ଼େନା
ଘରକୁ ଫେରିଲେ
ପାଠରେ ଆଉ ମନ ଲାଗେନା।
ଅଜା, ଆଇ ଥିଲେ ପାଖରେ
ଜମା ଗପ ସରେନା
ଯେତେ ଶୁଣୁଥିଲେ ସେ ଗପକୁ
ଜମା ମନ ଭରେନା।
ଆମ ଲାଗି ହିଁ
ମା' ଭୁଲିଯାଏ ତା ନିଜ ଘରକୁ
କେବଳ ସ୍କୁଲ ଛୁଟି ପଡିଲେ
ଆମର, ମା ଯାଇଥାଏ
ତା ନିଜ ଘରକୁ.........
ହଁ ମା ଯାଇଥାଏ ତା ଘରକୁ।



ମଧୁସ୍ମିତା ସାହୁ
ଜିଲ୍ଲା -ଢେଙ୍କାନାଳ
ଯୋଗାଯୋଗ ନମ୍ବର
୯୧୭୮୧୧୩୯୮୨

## ମେଲୋନି କଥା ଶୁଣି ସଭିଏଁ ଚକିତ



ରୋମ/ନୂଆଦିଲ୍ଲୀ ଏକ ନୂତନ ପୁସ୍ତକରେ, ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ତାଙ୍କ ୨୦୨୩ ଭାରତ ଗସ୍ତର ଏକ ଆକର୍ଷଣୀୟ କାହାଣୀ ବାଣ୍ଟିଛନ୍ତି, ଯେଉଁଥିରେ ସେ ବର୍ଣ୍ଣନା କରିଛନ୍ତି ଯେ କିପରି ତାଙ୍କ ପ୍ରତିଛବି ସମ୍ବଳିତ ପୋଷ୍ଟରଗୁଡ଼ିକ ତାଙ୍କୁ ସ୍ୱାଗତ କରିବା ପାଇଁ ନୂଆଦିଲ୍ଲୀର ରାସ୍ତାରେ ପ୍ରଦର୍ଶିତ ହୋଇଥିଲା। ଏହି ପୋଷ୍ଟରଗୁଡ଼ିକୁ ଦେଖି, ତାଙ୍କ ସହିତ ଥିବା ଇଟାଲୀର ଉପ-ପ୍ରଧାନମନ୍ତ୍ରୀ ଆଣ୍ଟୋନିଓ ତାଜାନି ମନ୍ତବ୍ୟ ଦେଇଛନ୍ତି ଯେ ଯଦି ସେ ଦିଲ୍ଲୀ ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ନ୍ତି, ତେବେ ସେ 'ଦଶ ଲକ୍ଷ ଭୋଟ' ପାଇବେ।

ସାମ୍ବାଦିକ ଆଲେସାଣ୍ଡ୍ରୋ ସାଲୁଷ୍ଟିଙ୍କ ସହ ଆଲୋଚନା ଉପରେ ଆଧାରିତ ଜିଓର୍ଜିଆ ଭିଜନ ପୁସ୍ତକରେ – ମେଲୋନି ବର୍ଣ୍ଣନା କରିଛନ୍ତି ଯେ କିପରି ତାଙ୍କ ଆଗମନ ପରେ, ରାସ୍ତା କଡ଼ରେ ନିୟମିତ ବ୍ୟବଧାନରେ ତାଙ୍କ ଫଟୋ ଏବଂ 'ସ୍ୱାଗତ' ଶବ୍ଦ ଥିବା ପୋଷ୍ଟର ଲଗାଯାଇଥିଲା। ସେ ଫେରିବା ପରେ, ପୋଷ୍ଟରରେ 'ପରିଦର୍ଶନ ପାଇଁ ଧନ୍ୟବାଦ' ବାର୍ତ୍ତା ସହିତ ତାଙ୍କ ପ୍ରତିଛବି ପ୍ରଦର୍ଶିତ ହୋଇଥିଲା। ତାଙ୍କ ସହକର୍ମୀ ଆଣ୍ଟୋନିଓ ତାଜାନି ମନ୍ତବ୍ୟ ଦେଇଛନ୍ତି, 'ଏତେ ପୋଷ୍ଟର ସହିତ, ଯଦି ଆପଣ ଏକ ନୂଆଦିଲ୍ଲୀ ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ନ୍ତି, ତେବେ ଆପଣଙ୍କୁ ଏକ ଲକ୍ଷ ଭୋଟ ମିଳିବ।'

# ସାଇବର ଅପରାଧ ହେଲ୍ପଲାଇନ୍ ୧୯୩୦ର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ, (ପିଆଇବି):କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ନୂଆଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ଜାତୀୟ ସାଇବର ଅପରାଧ ହେଲ୍ପଲାଇନ୍ ୧୯୩୦ର ସମୀକ୍ଷା କରିଥିଲେ ଏବଂ ଏହି ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବା ଲାଗି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସାଇବର ଅପରାଧ, ବିଶେଷ କରି ସାଇବର ଆର୍ଥିକ ଠକେଇରୁ ନାଗରିକମାନଙ୍କୁ ତୁରନ୍ତ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ସ୍ଥାପିତ ବିଭିନ୍ନ ନାଗରିକ କୈନ୍ଦ୍ରିକ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରାଯାଇଥିଲା।




କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଜାତୀୟ ସାଇବର ଅପରାଧ ହେଲ୍ପଲାଇନ୍ ୧୯୩୦ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ ଉଭା ହୋଇଛି ଯାହା ନାଗରିକମାନଙ୍କୁ ସାଇବର ଅପରାଧ ସମ୍ବନ୍ଧୀୟ ଅଭିଯୋଗ ପଞ୍ଜୀକରଣ କରିବାରେ ସକ୍ଷମ କରିଛି, ଏକ ସରଳ ଏବଂ ତ୍ୱରିତ ଢଙ୍ଗରେ, ବିଶେଷ କରି ଆର୍ଥିକ ସାଇବର ଠକେଇ କ୍ଷେତ୍ରରେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ହେଲ୍ପଲାଇନ୍ ମାଧ୍ୟମରେ ସହାୟତା ଚାହୁଁଥିବା ପ୍ରତ୍ୟେକ ନାଗରିକଙ୍କୁ ସମୟୋଚିତ ସହାୟତା ମିଳିବା ଉଚିତ ଏବଂ କୌଣସି ଅଭିଯୋଗ ଅଣଦେଖା କିମ୍ବା ବିଚାରାଧୀନ ରହିବା ଉଚିତ ନୁହେଁ।

ଶ୍ରୀ ଅମିତ ଶାହ ନିର୍ଦ୍ଦେଶ ଦେଇଛନ୍ତି ଯେ ୧୯୩୦ ହେଲ୍ପଲାଇନ୍ ବ୍ୟବସ୍ଥାର ଦକ୍ଷତା, ପ୍ରତିକ୍ରିୟା କ୍ଷମତା ଏବଂ ସେବା ବିତରଣରେ ଆହୁରି ଉନ୍ନତି ଆଣିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏ. ଆଇ.) ସମେତ ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣ ମାଧ୍ୟମରେ ବ୍ୟାପକ ଆଧୁନିକୀକରଣ ଏବଂ ଉନ୍ନତିକରଣ କରାଯିବ। ସେ କହିଥିଲେ ଯେ ଉନ୍ନତିକୃତ ବ୍ୟବସ୍ଥା ଦ୍ୱାରା ଅଭିଯୋଗ ପଞ୍ଜୀକରଣ ତ୍ୱରାନ୍ୱିତ ହେବା, କଲର ଉତ୍ସ ଏବଂ ନାଗରିକ ଅଭିଯୋଗଗୁଡ଼ିକର ପ୍ରଭାବୀ ପରିଚାଳନା ସମ୍ଭବ ହେବା ଉଚିତ।

କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ମୋଦୀ ସରକାର ଏକ ସୁରକ୍ଷିତ, ପ୍ରଯୁକ୍ତିବିଦ୍ୟା ପରିଚାଳିତ ଏବଂ ନାଗରିକ କୈନ୍ଦ୍ରିକ ସାଇବର ଅପରାଧ ପ୍ରତିରୋଧ ଏବଂ ପ୍ରତିକ୍ରିୟା ପ୍ରଣାଳୀ ନିର୍ମାଣ କରିବାକୁ ପ୍ରତିଶ୍ରୁତିବଦ୍ଧ। ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କାର୍ଯ୍ୟ କରୁଥିବା ୧୯୩୦ କଲ୍ ସେଣ୍ଟରକୁ ଜ୍ଞାନକୌଶଳ ଏବଂ ଭିତ୍ତିଭୂମି ଦୃଷ୍ଟିରୁ ଆହୁରି ମଜବୁତ କରାଯିବା ଉଚିତ।


## ଉଦ୍ୟୋଗୀତାକୁ ଆଗେଇ ନେବାରେ ଭାରତର ଯୁବପିଢ଼ି ଆଗରେ ରହିବେ: ମୋଦି

ନୂଆଦିଲ୍ଲୀ, (ପିଆଇବି): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ପିଏମ୍ ବିକଶିତ ଭାରତ ରୋଜଗାର ଯୋଜନା ସହିତ ଜଡିତ ହିତାଧିକାରୀ, ଶିଳ୍ପ ପ୍ରତିନିଧି ଏବଂ ଅଂଶୀଦାରମାନଙ୍କୁ ସମ୍ବୋଧିତ କରି ଭାରତର ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା (ପିଏମ୍-ଭିବିଆରୱାଇ) ଅଧୀନରେ ପ୍ରାୟ ଟ.୨,୪୦୦ କୋଟି ମୂଲ୍ୟର ପ୍ରୋତ୍ସାହନ ବଣ୍ଟନ କରିଛନ୍ତି, ଯାହା ଭାରତ ସରକାରଙ୍କ ପ୍ରମୁଖ ନିଯୁକ୍ତି-ସଂଲଗ୍ନ ପ୍ରୋତ୍ସାହନ ଯୋଜନା ପିଏମ୍-ଭିବିଆରୱାଇ କାର୍ଯ୍ୟକାରୀ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ବିଭିନ୍ନ କ୍ଷେତ୍ରରେ ସାମାଜିକ ସୁରକ୍ଷା କଭରେଜକୁ ବିସ୍ତାର କରିଛି। ଏହି ପ୍ରୋତ୍ସାହନ ଦେଶବ୍ୟାପୀ ୧୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହୋଇଛି।



# ଭାରତୀୟଙ୍କ ପ୍ରଥମ ପସନ୍ଦ ପୁଟିନ

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡୋ ଟ୍ରମ୍ପଙ୍କୁ ନେଇ ଦୁନିଆର ବହୁ ଦେଶର ଲୋକଙ୍କ ଭରସା ପୂର୍ବ ତୁଳନାରେ କମ୍ ହୋଇଯାଇଛି। ଏକଥା ପ୍ୟୁ ରିସର୍ଚ୍ଚ ସେଣ୍ଟରର ନୂଆ ସର୍ଭେରେ ସାମନାକୁ ଆସିଛି। ନୂତନ ସର୍ଭେ ଅନୁଯାୟୀ, ବିଶ୍ୱର ଅନେକ ଦେଶର ଲୋକମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ବିଶ୍ୱାସ ହରାଇ ସାରିଛନ୍ତି। ସର୍ଭେ ଅନୁଯାୟୀ, ୩୬ଟି ଦେଶର ୭୬% ଲୋକ କହିଛନ୍ତି ଯେ ସେମାନଙ୍କର ଟ୍ରମ୍ପଙ୍କ ବିଶ୍ୱ ନେତୃତ୍ୱ ଉପରେ ବିଶ୍ୱାସର ଅଭାବ ଅଛି। କେବଳ ୨୩% କହିଛନ୍ତି ଯେ ସେମାନେ ଅନ୍ତର୍ଜାତୀୟ ବ୍ୟାପାରରେ ଟ୍ରମ୍ପଙ୍କ ନିଷ୍ପତ୍ତି ଉପରେ ବିଶ୍ୱାସ କରନ୍ତି। ଏହି ସର୍ଭେରେ ଭାରତ ସହ ଜଡିତ ଏକ ଆକର୍ଷଣୀୟ ତଥ୍ୟ ମଧ୍ୟ ପ୍ରକାଶ ପାଇଛି। ବିଶ୍ୱର ଶ୍ରେଷ୍ଠ ନେତାମାନଙ୍କ ମଧ୍ୟରେ, ଭାରତର ଲୋକମାନେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଉପରେ ସବୁଠାରୁ ଅଧିକ ବିଶ୍ୱାସ ପ୍ରକାଶ କରିଥିଲେ।



୫୧% ଭାରତୀୟ କହିଛନ୍ତି ଯେ ସେମାନେ ପୁଟିନଙ୍କୁ ବିଶ୍ୱାସ କରନ୍ତି। ଏହା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ୩୯%, ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଉପରେ ୩୪%, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଉପରେ ୩୩%, ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲ୍ଡିମିର ଜେଲେନ୍ସକିଙ୍କ ଉପରେ ୨୯% ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଉପରେ ୨୫% ଲୋକ ବିଶ୍ୱାସ କରନ୍ତି। ଏହି ସର୍ଭେ ୨୦୨୬ ଫେବୃଆରୀ ୮ ରୁ ମେ ୧୩ ମଧ୍ୟରେ କରାଯାଇଥିଲା। ୩୬ ଟି ଦେଶର ୪୨,୧୫୧ ଜଣଙ୍କ ମତାମତ ସଂଗ୍ରହ କରାଯାଇଥିଲା। ସର୍ଭେ ଅନୁସାରେ, ଭାରତରେ ଟ୍ରମ୍ପଙ୍କ ଲୋକପ୍ରିୟତା ଗତ ବର୍ଷ ତୁଳନାରେ କମ୍ ହୋଇଛି।

# ହର୍ମୁଜରେ ପୁଣି ଆକ୍ରମଣ, ଜାହାଜକୁ ଟାର୍ଗେଟ କଲା ଇରାନ

ତେହରାନ : ଶାନ୍ତି ଚୁକ୍ତିନାମା ପରେ ହର୍ମୁଜ ପ୍ରଣାଳୀରେ ପୁଣି ଥରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଦେଖାଦେଇଛି। ଇରାନ ଏକ ଜାହାଜକୁ ଟାର୍ଗେଟ କରି ଅଭିଯୋଗ କରିଛି ଯେ ଏହା ନିର୍ଦ୍ଦିଷ୍ଟ ରାସ୍ତା ବ୍ୟତୀତ ଅନ୍ୟ ଏକ ରାସ୍ତା ବ୍ୟବହାର କରୁଛି। ଆକ୍ରମଣ ଦ୍ୱାରା ହୋଇଥିବା କ୍ଷତିର ପରିମାଣ ନିଶ୍ଚିତ ହୋଇନାହିଁ। ଇରାନ ସମସ୍ତ ରାଷ୍ଟ୍ରକୁ ପୁରୁଣା ରାସ୍ତା ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛି।ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଇରାନ ଗୁରୁବାର ହର୍ମୁଜ ପ୍ରଣାଳୀରେ ଓମାନ ଉପକୂଳ ନିକଟରେ ଏକ ମାଲବାହୀ ଜାହାଜ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ଏହି ଆକ୍ରମଣ ପରେ, ଜାତିସଂଘର ଅନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ (IMO) ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସହିତ ଜଡିତ ଏହାର କାର୍ଯ୍ୟକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିଛି। ଏହି ଘଟଣା ପୁଣି ଥରେ ଇରାନ ସହିତ ଜଡିତ ଦ୍ୱନ୍ଦ୍ୱର ଅନ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରାରମ୍ଭିକ ଚୁକ୍ତିନାମାର ଭବିଷ୍ୟତ ସମ୍ପର୍କରେ ଚିନ୍ତା ସୃଷ୍ଟି କରିଛି।ୟୁକେ ସାମୁଦ୍ରିକ ବାଣିଜ୍ୟ କାର୍ଯ୍ୟ (UKMTO) ଅନୁଯାୟୀ, ମାଲବାହୀ ଜାହାଜଟି ଓମାନ ନିକଟରେ ଏକ କ୍ଷେପଣାସ୍ତ୍ର ଦ୍ୱାରା ଆଘାତ ହୋଇଥିବା ରିପୋର୍ଟ କରିଛି। ତେହରାନ କେବଳ ସେହି ସାମୁଦ୍ରିକ ରାସ୍ତା ବ୍ୟବହାର କରିବାକୁ ଜାହାଜଗୁଡ଼ିକୁ ଚେତାବନୀ ଦେବାର କିଛି ଘଣ୍ଟା ପରେ ଏହି ଘଟଣା ଘଟିଛି। ଇରାନ କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି ଯେ ଯଦି କୌଣସି ଜାହାଜ ନିର୍ଦ୍ଦିଷ୍ଟ ରାସ୍ତା ବ୍ୟତୀତ ଅନ୍ୟ ରାସ୍ତା ଦେଇ ଗତି କରେ, ତେବେ ଜାହାଜର ମାଲିକ, ପରିଚାଳନା କମ୍ପାନୀ ଏବଂ କ୍ୟାପ୍ଟେନ ଯେକୌଣସି କ୍ଷତି କିମ୍ବା ଘଟଣାର ସମ୍ପୂର୍ଣ୍ଣ ଦାୟୀ ରହିବେ। ରଏଟର୍ସ ସହିତ କଥାବାର୍ତ୍ତା କରୁଥିବା ଦୁଇ ଆମେରିକୀୟ ଅଧିକାରୀ ଦାବି କରିଛନ୍ତି ଯେ ଇରାନ ଜାହାଜ ଉପରେ ଗୁଳି ଚଳାଇଥିଲା। ଏହି ସମୟରେ, ଇରାନର ପର୍ସିଆନ ଗଲ୍ଫ ସାମୁଦ୍ରିକ କର୍ତ୍ତୃପକ୍ଷ କହିଛନ୍ତି ଯେ ନିର୍ଦ୍ଦିଷ୍ଟ ମାର୍ଗ ପାଳନ କରିବାରେ ବିଫଳ ହେଉଥିବା ଜାହାଜଗୁଡ଼ିକୁ ସୁରକ୍ଷିତ ପଥ ପ୍ରଦାନ କରାଯିବ ନାହିଁ।ଚାରୋଟି ସୂତ୍ର ସିଙ୍ଗାପୁର ପତାକାଯୁକ୍ତ ଏଭର ଲଭଲି ଜାହାଜକୁ ଚିହ୍ନଟ କରିଛି। ଏକ ସୁରକ୍ଷା ସୂତ୍ର ସୂଚିତ କରିଛି ଯେ ଏହା ଏକ ଡ୍ରୋନ ଆକ୍ରମଣ ଦ୍ୱାରା ଟାର୍ଗେଟ ହୋଇଥିବା ସମ୍ଭାବନା ଅଛି; ତଥାପି, ଆମେରିକା ସରକାରଙ୍କ ପକ୍ଷରୁ କୌଣସି ତୁରନ୍ତ ମନ୍ତବ୍ୟ ଦିଆଯାଇ ନାହିଁ। ଏହି ମାସର ଆରମ୍ଭରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଥିଲେ ଯେ ଯଦି ଇରାନ ଶତ୍ରୁତା ସମାପ୍ତ କରିବା ଏବଂ ଷ୍ଟ୍ରେଟକୁ ପୁନଃ ଖୋଲିବା ପାଇଁ ଲକ୍ଷ୍ୟ ରଖିଥିବା ଚୁକ୍ତି ପାଳନ କରିବାରେ ବିଫଳ ହୁଏ, ତେବେ ଆମେରିକା ଦେଶ ଉପରେ ବୋମା ମାଡ଼ ପୁଣି ଆରମ୍ଭ କରିପାରେ।




## ବାଣିଜ୍ୟ ଖବର

# କମର୍ସିଆଲ ଗ୍ରାହକଙ୍କ ପାଇଁ ବଡ଼ ଆଶ୍ୱସ୍ତି



ନୂଆଦିଲ୍ଲୀ: କେନ୍ଦ୍ର ସରକାର ଶିଳ୍ପ ଏବଂ ବାଣିଜ୍ୟିକ ଏଲପିଜି ଗ୍ରାହକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ଘୋଷଣା କରିଛନ୍ତି। ସରକାର ଅଣ-ଘରୋଇ ପ୍ୟାକ ହୋଇଥିବା ଏଲପିଜି ଯୋଗାଣ ଉପରେ ସମସ୍ତ କ୍ଷେତ୍ର-ୱାରି କଟକଣା ଉଠାଇ ଦେଇଛନ୍ତି, ଯାହା ପଶ୍ଚିମ ଏସିଆ ସଙ୍କଟ ପୂର୍ବରୁ ଦେଖାଯାଇଥିବା ଯୋଗାଣ ସ୍ତରକୁ ପୁନଃସ୍ଥାପିତ କରିଛି। ଏହା ସହିତ, ସରକାର ସଙ୍କଟ ଆରମ୍ଭରେ ଲାଗୁ ହୋଇଥିବା ବଲ୍କ ଏଲପିଜି ଯୋଗାଣ ଉପରେ କଟକଣାକୁ ଯଥେଷ୍ଟ ଆଶ୍ୱସ୍ତି ଦେଇଛନ୍ତି, ଯାହା ବ୍ୟବହାରକୁ ପୂର୍ବ ସଙ୍କଟ ସ୍ତରର ୫୦% କୁ ଫେରିବାକୁ ଅନୁମତି ଦେଇ। ଏହି ପଦକ୍ଷେପ ବାଣିଜ୍ୟିକ ଏବଂ ଶିଳ୍ପ ଗ୍ରାହକଙ୍କ ପାଇଁ ଯଥେଷ୍ଟ ଆଶ୍ୱସ୍ତି ଆଣିଥାଏ।

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅଧୀନରେ ଏଲପିଜି ଯୋଗାଣ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି। ପଶ୍ଚିମ ଏସିଆ ସଙ୍କଟ ସମୟରେ, ସରକାର ଘରୋଇ ଏଲପିଜି ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ଅଧୀନରେ ଏକ ଆଦେଶ ଜାରି କରିଥିଲେ, ଯେଉଁଥିରେ C3-C4 ଷ୍ଟ୍ରିମ କେବଳ ପେଟ୍ରୋକେମିକାଲ କିମ୍ବା ଅନ୍ୟାନ୍ୟ ଡାଉନଷ୍ଟ୍ରିମ ପ୍ରୟୋଗ ପରିବର୍ତ୍ତେ ଏଲପିଜି ଉତ୍ପାଦନ ପାଇଁ ବ୍ୟବହାର କରିବାକୁ ବାଧ୍ୟ କରାଯାଇଥିଲା।

ଉନ୍ନତ ଘରୋଇ ଏଲପିଜି ଉତ୍ପାଦନ ଏବଂ ଆମଦାନୀ ହୋଇଥିବା ଏଲପିଜି କାର୍ଗୋର ଅନୁମୋଦନକୁ ଦୃଷ୍ଟିରେ ରଖି, ସରକାର ଏଲପିଜି ପୁଲ ପାଇଁ C3/C4 ଷ୍ଟ୍ରିମ ବ୍ୟବହାର ଉପରେ କଟକଣାକୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଅଣ-ଏଲପିଜି ଉଦ୍ଦେଶ୍ୟରେ ଉ୩-ଉ୪ ଷ୍ଟ୍ରିମର ଯେକୌଣସି ବର୍ଦ୍ଧିତ ଆବଣ୍ଟନକୁ ଏପରି ଭାବରେ କାର୍ଯ୍ୟକାରୀ କରାଯିବ ଯାହା ନିଶ୍ଚିତ କରିବ ଯେ ଘରୋଇ ଏଲପିଜିର ଉପଲବ୍ଧତା ପ୍ରଭାବିତ ନହୁଏ, ସର୍ବନିମ୍ନ ଦୈନିକ ଘରୋଇ ଉତ୍ପାଦନ ୪୦ ଟିଏମଟି ବଜାୟ ରଖାଯାଏ।ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅନୁଯାୟୀ, ଗତ କିଛି ସପ୍ତାହ ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଏଲପିଜି ଉପଲବ୍ଧତା ସମ୍ପର୍କରେ ପରିସ୍ଥିତିରେ ଯଥେଷ୍ଟ ଉନ୍ନତି ହୋଇଛି ଏବଂ ଆମଦାନୀ ହୋଇଥିବା କାର୍ଗୋର ଯୋଗାଣ ମଧ୍ୟ ବୃଦ୍ଧି ପାଇଛି।

# ଶସ୍ତା ହେଲା ସୁନା ଓ ରୁପା

ନୂଆଦିଲ୍ଲୀ: ନିକଟରେ ମଲ୍ଟି କମୋଡିଟି ଏକ୍ସଚେଞ୍ଜ (MCX) ରେ ସୁନା ଏବଂ ରୁପା ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ପରିଲକ୍ଷିତ ହେଉଛି। ସୁନା ମୂଲ୍ୟ ପ୍ରାୟ ୧,୪୫୦-୧,୯୦୦ ହ୍ରାସ ପାଇଥିବା ବେଳେ ଅନ୍ୟପଟେ ରୁପା ପ୍ରତି କିଲୋଗ୍ରାମ ୨,୨୨,୩୦୦ ଏବଂ ୨,୨୭,୦୦୦ ମଧ୍ୟରେ କାରବାର କରୁଛି ।

ଯଦି ଭୁବନେଶ୍ୱରରେ ସୁନା ଦର କଥା ଦେଖିବା ତାହେଲେ ୨୪ କ୍ୟାରେଟ ସୁନାର ମୂଲ୍ୟ ୧୪୦୧୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ୍ ସୁନାର ଦର ୧୨୮୪୫୦ ଟଙ୍କା ରହିଛି । ୧୦୫୧୦୦ ଟଙ୍କା ରହିଛି ୧୮ କ୍ୟାରେଟ ସୁନାର ଦର । ରୂପା କେଜି ୨,୩୦,୦୦୦ଟଙ୍କା ରହିଛି ।

ଜୁନ୍ ୧୮ ତାରିଖରେ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଏକ ଅସ୍ଥାୟୀ ଚୁକ୍ତି ବିଶ୍ୱ ଉତ୍ତେଜନାକୁ ନିୟନ୍ତ୍ରଣ କରିବାରେ ଯଥେଷ୍ଟ ସାହାଯ୍ୟ କରିଛି। ହର୍ମୁଜ୍ ପ୍ରଣାଳୀ ଦେଇ ଶକ୍ତି ଯୋଗାଣ ପୁନଃ ଆରମ୍ଭ ହେବା ସହିତ, ସୁନାର ଚାହିଦା ହ୍ରାସ ପାଇଛି।




ଏହି ସମୟରେ, ଆମେରିକା ଫେଡେରାଲ୍ ରିଜର୍ଭ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ପାଇଁ ବର୍ଷ ଶେଷ ସୁଦ୍ଧା ସୁଧ ହାରରେ ସମ୍ଭାବ୍ୟ ୨୫-ବେସିସ୍-ପଏଣ୍ଟ ବୃଦ୍ଧିର ସଙ୍କେତ ଦେଇଛି। ବୃଦ୍ଧି ପାଉଥିବା ସୁଧ ହାର ପ୍ରାୟତଃ ନିବେଶକମାନଙ୍କୁ ସୁନା ଏବଂ ରୁପାରୁ ସରକାରୀ ବଣ୍ଡରେ ପାଣ୍ଠି ସ୍ଥାନାନ୍ତର କରିବାକୁ ପ୍ରେରଣା ଦିଏ। ମୂଲ୍ୟ ହ୍ରାସର ଅନ୍ୟ ଏକ କାରଣ ହେଉଛି ଆମେରିକୀୟ ଡଲାର ସୂଚକାଙ୍କ ଦ୍ରୁତ ବୃଦ୍ଧି, ଯାହା ମେ ୨୦୨୫ ପରଠାରୁ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଯେହେତୁ ଆନ୍ତର୍ଜାତୀୟ ସୁନା ମୂଲ୍ୟ ଡଲାରରେ ମୂଲ୍ୟାଙ୍କିତ ହୋଇଥାଏ, ଏକ ସୁଦୃଢ଼ ଡଲାର ବିଶ୍ୱବ୍ୟାପୀ କ୍ରେତାଙ୍କ ପାଇଁ ସୁନାକୁ ଅଧିକ ମହଙ୍ଗା କରିଥାଏ, ଯାହା ଚାହିଦା ହ୍ରାସ କରିଥାଏ।

# ବଦଳିଲା ତତ୍କାଳ ଟିକେଟ ବୁକିଂ ନିୟମ

ନୂଆଦିଲ୍ଲୀ: ଆଜିକାଲି ସମୟରେ ଟ୍ରେନ ଟିକେଟ ମିଳିବା ବହୁତ କଷ୍ଟକର ହୋଇପଡ଼ିଛି। ପର୍ବପର୍ବାଣୀ ସମୟରେ ଯଦି ଘରକୁ ଯିବାକୁ ଥାଏ, ତେବେ ଟିକେଟ ଆଁଶୀ ମିଳିନଥାଏ। ଏଭଳି ପରିସ୍ଥିତିରେ ଅଧିକାଂଶ ଲୋକ ତତ୍କାଳ ଟିକେଟ ବୁକ୍ କରିଥାନ୍ତି। ଯଦି ଆପଣ ମଧ୍ୟ ପ୍ରାୟତଃ ତତ୍କାଳ ଟିକେଟ ବୁକ୍ କରୁଛନ୍ତି, ତେବେ ଏହି ଖବରଟି ଆପଣଙ୍କ ପାଇଁ ହିଁ ଅଟେ। ଆପଣଙ୍କୁ ଜଣାଇଦେଉଛୁ ଯେ, ରେଳବାଇ ତତ୍କାଳ ଟିକେଟ ବୁକିଂ ନିୟମରେ ଏକ ବଡ଼ ପରିବର୍ତ୍ତନ କରିଛି, ଯାହା ବିଷୟରେ ସମସ୍ତଙ୍କୁ ଜଣା ଥିବା ଆବଶ୍ୟକ। ନୂଆ ନିୟମ ଅନୁଯାୟୀ, ଆଧାର (Aadhaar) ବିନା ଏବେ ଟିକେଟ ବୁକ କରିବା କଷ୍ଟକର ହୋଇପାରେ। ରେଳବାଇର ଏହି ନିୟମ ଜାଲ ବୁକିଂ ଏବଂ ଏଜେଣ୍ଟମାନଙ୍କ ଉପରେ ରୋକ ଲଗାଇବା ପାଇଁ କରାଯାଇଛି।ରେଳବାଇ ଏବଂ ଆଇଆରସିଟିସି (IRCTC) ର ନୂଆ ନିୟମ ଅନୁଯାୟୀ, ଯଦି ଆପଣଙ୍କୁ ଟିକେଟ ବୁକ କରିବାର ଅଛି, ତେବେ ଆପଣଙ୍କ ପାଖରେ ସର୍ବପ୍ରଥମେ ଆଧାର କାର୍ଡ ରହିବା ଜରୁରୀ। ଆଧାର କାର୍ଡ ସହିତ ଲିଙ୍କ ଥିବା ମୋବାଇଲ ନମ୍ବର ସାହାଯ୍ୟରେ ଯେତେବେଳେ ଓଟିପି (OTP) ଭେରିଫିକେସନ ସଫଳ ହେବ, ସେତେବେଳେ ହିଁ ଟିକେଟ ମିଳିବ। ସହଜ ଭାଷାରେ ବୁଝିବାକୁ ଗଲେ, ଟିକେଟ ବୁକ୍ କରିବା ସମୟରେ ଆପଣଙ୍କର ପଞ୍ଜୀକୃତ ମୋବାଇଲ ନମ୍ବରକୁ ଏକ ଓଟିପି ଆସିବ ଏବଂ ତାହା ପରେ ହିଁ ଟିକେଟ ବୁକ ହୋଇପାରିବ। ପ୍ରକୃତରେ ଲୋକମାନଙ୍କର ହିଁ ଅଭିଯୋଗ ରହିଥାଏ ଯେ, ତତ୍କାଳ ଟିକେଟ ବୁକିଂ ଖୋଲିବା ମାତ୍ରେ କିଛି ସେକେଣ୍ଡ ମଧ୍ୟରେ ଶେଷ ହୋଇଯାଏ। ଏହାର ଏକ ବଡ଼ କାରଣ ଅଟୋମେଟିକ ସଫ୍ଟୱେର୍ ଏବଂ ଏଜେଣ୍ଟମାନଙ୍କୁ ମାନିବାକୁ ହେବ। ଏଭଳି ପରିସ୍ଥିତିରେ ରେଳବାଇ ପାଖରେ ଅନ୍ୟ କୌଣସି ଉପାୟ ନଥିଲା ଏବଂ ଏହି ଆଧାର ଓଟିପି (OTP) ନିୟମ ଲାଗୁ କରିବାକୁ ପଡ଼ିଲା। ଏହାଦ୍ୱାରା ଅନେକ ନକଲି ଆଇଡି (Fake ID) ଏବଂ ବଟ ବୁକିଂ (Bot booking) ହ୍ରାସ ପାଇବ।

# ବେଦାନ୍ତ ଆଲୁମିନିୟମର ରତୁସ୍ରାବ ସ୍ୱାସ୍ଥ୍ୟ ସଚେତନତା

ଭୁବନେଶ୍ୱର : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର ପେହଲି ଉଡାନ ପ୍ରକଳ୍ପ ଅଧୀନରେ ଏକ ଗୋଷ୍ଠି ପ୍ରସାରକୁ ଅଗ୍ରାଧିକାର ଦେଇ ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ରଜ ମହୋତ୍ସବକୁ ପାଳନ କରିଛି। ତୁରିସିମେଲ, ଛତ୍ରପୁର, କୁଟୁନିପଦର ଏବଂ ଅସୁରପଡା ଗ୍ରାମରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୨୦୦ ରୁ ଅଧିକ ମହିଳା ଏବଂ କିଶୋରୀ ପହଞ୍ଚିଥିଲେ। ରତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା, ଖୋଲା ଆଲୋଚନାକୁ ଅଗ୍ରାଧିକାର ଦେବା ଏବଂ ନାରୀତ୍ୱ ଏବଂ ଗର୍ଭଧାରଣକୁ ପାଳନ କରିବା ପାଇଁ ଏହି ପଦକ୍ଷେପ ସାଂସ୍କୃତିକ ଉତ୍ସବ ସହିତ ସଚେତନତା ଅଧିବେଶନକୁ ମିଳିତ କରିଥିଲା ।



ରତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛା (ଏମ୍‌ଏଚ୍‌ଏଚ୍.) ଏବଂ କିଶୋର ପ୍ରଜନନ ଏବଂ ସ୍ୱାସ୍ଥ୍ୟ (ଏଆରଏସଏଚ୍.) ଉପରେ ଅଧିବେଶନମାନ ଆୟୋଜିତ ହୋଇଥିଲା। ତୃଣମୂଳ ସ୍ତରରେ କ୍ଷମତାକୁ ସୁଦୃଢ଼ କରିବା ଏବଂ ଗୋଷ୍ଠୀ ସଦସ୍ୟମାନଙ୍କୁ ସେମାନଙ୍କ ଗ୍ରାମ ମଧ୍ୟରେ ସଚେତନତା ପ୍ରୟାସକୁ ବଜାୟ ରଖିବା ପାଇଁ ଏକ ଟ୍ରେନ-ଦ-ଟ୍ରେନର୍ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥିଲା। ମହିଳା ଏବଂ କିଶୋରୀମାନଙ୍କ ମଧ୍ୟରେ ରତୁସ୍ରାବ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଯୋଗଦାନ ପାଇଁ ଏକ ସାଂସ୍କୃତିକ ଭାବରେ ପରିଚିତ ପ୍ଲାଟଫର୍ମ ପ୍ରଦାନ କରି ଏହି କାର୍ଯ୍ୟକ୍ରମ ରଜ ପର୍ବ ପାଳନ ସହିତ ଯୋଡ଼ି ହୋଇଥିଲା ।ଏଭଳି ପଦକ୍ଷେପ ସଂକ୍ରାନ୍ତରେ ଲାଞ୍ଜିଗଡ଼ ସ୍ଥିତ ବେଦାନ୍ତ ଆଲୁମିନିୟମର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ଆମେ ବିଶ୍ୱାସ କରୁ ଯେ ସଚେତନତା ଏବଂ ଅନ୍ତର୍ଭୂକ୍ତିକରଣ ଉପରେ ଗୋଷ୍ଠି ବିକାଶ ନିର୍ମିତ ହୋଇଛି। ପ୍ରୋଜେକ୍ଟ ପେହଲି ଉଡାନ ମାଧ୍ୟମରେ, ଆମେ ରତୁସ୍ରାବ ସ୍ୱାସ୍ଥ୍ୟ ସମାଧାନ, ଖୋଲା ଆଲୋଚନାକୁ ପ୍ରୋତ୍ସାହିତ କରୁଛୁ, ମହିଳା ଏବଂ କିଶୋରୀମାନଙ୍କୁ ସୁସ୍ଥ, ଅଧିକ ଆତ୍ମବିଶ୍ୱାସୀ ଜୀବନଯାପନ କରିବାକୁ ସଶକ୍ତ କରୁଛୁ ।

ଛତ୍ରପୁର ଗାଁର ଆଗଧାଡ଼ିର ସ୍ୱାସ୍ଥ୍ୟ କର୍ମୀ ମମତା ଗରାଡିଆ ତାଙ୍କ ଅଭିଜ୍ଞତା ସେୟାର କରି କହିଛନ୍ତି, 'ବେଦାନ୍ତ ଦ୍ୱାରା ରଜ ସଂକ୍ରାନ୍ତି ଉତ୍ସବ ସମସ୍ତଙ୍କୁ ଏକାଠି କରିଥିଲା, ମାସିକ ରତୁସ୍ରାବ ବିଷୟରେ ଖୋଲାଖୋଲି ଭାବରେ କଥାବାର୍ତ୍ତା କରିବାକୁ ଏକ ଆରାମଦାୟକ ସ୍ଥାନ ସୃଷ୍ଟି କରିଥିଲା, ଏକ ବିଷୟ ଯାହା ଆମେ ସାଧାରଣତଃ ଆଲୋଚନା କରିବାକୁ ଦ୍ୱିଧା କରୁ।

## ଭୁବନେଶ୍ୱରରେ ୧୪ତମ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକ ଉଦ୍‌ଘାଟିତ

# ସାମୁଦ୍ରିକ ବାଣିଜ୍ୟ ଓ ସୁରକ୍ଷା ହେଉଛି ବ୍ୟାପକ ପ୍ରଗତିର ପ୍ରବେଶ ପଥ : ମୁଖ୍ୟମନ୍ତ୍ରୀ




## ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଆୟୋଜିତ ହେଲା ଜାତୀୟ ସ୍ତରର ସାମୁଦ୍ରିକ ସୁରକ୍ଷା ବୈଠକ

ଭୁବନେଶ୍ୱର: ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ, ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତୀୟ ସହଭାଗିତାରେ ପ୍ରବେଶ ପଥ ବୋଲି ଲୋକସେବା ଭବନଠାରେ ୧୪ତମ ମଲ୍ଟି ଏଜେନ୍ସି ମାରିଟାଇମ ସିକ୍ୟୁରିଟି ଗ୍ରୁପ୍(ପଲିସି) ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀ ହେଉଛି ଇଣ୍ଡୋ-ପାସିଫିକ୍ ଶତାବ୍ଦୀ। ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହୋଉଛି। ପ୍ରଥମ ଥର ପାଇଁ ନୂଆଦିଲ୍ଲୀ ବାହାରେ ଓଡିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକରେ ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ବା Cooperative Federalism ପ୍ରତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ବ୍ଲୁ ଇକୋନୋମି (Blue Economy) ହେଉଛି ଆମର ମହତ୍ୱପୂର୍ଣ୍ଣ ଜାତୀୟ ସମ୍ପତି। ଏଗୁଡିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାରେ କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଜଟିଳ ଭିତିଭୂମିର ସୁରକ୍ଷା, ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱ ଉପରେ ଆମର ସଚେତନତା, ସାଇବର ସୁରକ୍ଷା, ବିପର୍ଯ୍ୟାୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ସାମିଲ ରହିଛି। ଓଡିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଙ୍ଗୋପସାଗର ତଟରେ ଓଡିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି। ପ୍ରାଚୀନ କଳିଙ୍ଗର ସାଧବ ପୁଅମାନେ ସମୁଦ୍ର ପଥରେ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶ ସହ ବ୍ୟାପାର ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ, ଯାହାର ଜୀବନ୍ତ ପ୍ରତୀକ ଭାବେ ଆଜି ମଧ୍ୟ ବାଲିଯାତ୍ରା ଉତ୍ସବ ପାଳିତ ହେଉଛି। ବର୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡିଶାର ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି। ଭାରତ ସରକାରଙ୍କ 'ସାଗର' (SAGAR-Security and Growth for All in the Region), 'ଆକ୍ଟ ଇଷ୍ଟ ପଲିସି', 'ବିମଷ୍ଟେକ' (BIMSTEC) ଏବଂ 'କୋଷ୍ଟାଲ ସିକ୍ୟୁରିଟି ସ୍କିମ ଫେଜ-୩' ଭଳି ପ୍ରଗତିଶୀଳ ନୀତିକୁ ଓଡିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା (AI) ଅନ୍‌ମ୍ୟାନ୍‌ଡ ସିଷ୍ଟମ ଏବଂ ଅତ୍ୟାଧୁନିକ ମନିଟରିଂ ନେଟୱାର୍କର ଉପଯୋଗ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ମାଛଧରା ଡଙ୍ଗାଗୁଡିକରେ 'ନଭମିତ୍ର' (NABHAMITRA) ଟ୍ରାନ୍ସପଣ୍ଡର ଲଗାଇବା ଏବଂ କୋଷ୍ଟାଲ ଭାଇବ୍ରାଂଟ ଭିଲେଜ ପ୍ରୋଗ୍ରାମ ଭଳି କାର୍ଯ୍ୟକ୍ରମକୁ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି। ସାମୁଦ୍ରିକ ସୀମା ସୁରକ୍ଷାରେ ନିୟୋଜନ ଭାରତୀୟ ନୌସେନା, କୋଷ୍ଟ ଗାର୍ଡ, ଓଡିଶା ପୋଲିସ ଏବଂ ଅନ୍ୟ ସମସ୍ତ ସଂସ୍ଥାର କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଏହି ବୈଠକରେ ଯୋଗଦେଇ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ (ଘଗଝଉ) ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ ଦାସଗୁପ୍ତା କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା ପାଇଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମଡେଲ ଖୋଜିବା ଅତ୍ୟନ୍ତ କଷ୍ଟକର। ଏଥିପାଇଁ ବିଭିନ୍ନ ମଡେଲକୁ ନେଇ ଏକ ସୁଚିନ୍ତିତ ରଣନୈତିକ ଢାଂଚା ପ୍ରସ୍ତୁତ କରିବା ଆବଶ୍ୟକ। ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ ମାରିଟାଇମ୍ ସିକ୍ୟୁରିଟି ଅଫିସ୍ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ସହ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି ଏବଂ ସମସ୍ତ ଉପକୂଳବର୍ତୀ ରାଜ୍ୟଗୁଡିକୁ ମାର୍ଗଦର୍ଶନ ପ୍ରଦାନ କରୁଛି ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା କେବଳ ସାମରିକ ବା ସୁରକ୍ଷାଗତ ଦିଗ ମଧ୍ୟରେ ସୀମିତ ନୁହଁ। ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ଅନୁରୋଧ କରି ସେ କହିଛନ୍ତି ଯେ, କେବଳ ମୁଖ୍ୟ ଉପକୂଳ ଅଂଚଳ ନୁହେଁ, ବରଂ ସମୁଦ୍ର ମଧ୍ୟରେ ଥିବା ଦ୍ୱୀପଗୁଡିକର (ଓସ୍ଥକ୍ଷବଭୟ) ସୁରକ୍ଷା ଏବଂ ବିକାଶ ଉପରେ ମଧ୍ୟ ସମାନ ଭାବରେ ଗୁରୁତ୍ୱ ଦିଆଯିବା ଉଚିତ। ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀ ପ୍ରକାଶ ମିଶ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ୱାଇ.ବି.ଖୁରାନିଆଙ୍କ ସମେତ ଉପକୂଳବର୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ୱାଇ.ବି.ଖୁରାନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଓଡ଼ିଶାର ୧୦ ବିଦ୍ୟାଳୟକୁ ଜାତୀୟ ସ୍ୱୀକୃତି



ଭୁବନେଶ୍ୱର :କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଓ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ (ଏସ୍‌ଏଚ୍‌ଭିଆର୍) ୨୦୨୫-୨୬ ପୁରସ୍କାର ନିମନ୍ତେ ଓଡ଼ିଶାର ୧୦ଟି ବିଦ୍ୟାଳୟ ଜାତୀୟସ୍ତରୀୟ ସ୍ୱୀକୃତି ପାଇବାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଏହି ବିଦ୍ୟାଳୟଗୁଡ଼ିକ ପରିମଳ, ପରିଚ୍ଛନ୍ନତା, ନିରାପଦ ପାନୀୟଜଳର ଉପଲବ୍ଧତା, ସବୁଜିମା ଓ ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଭଳି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି ।ରାଜ୍ୟରୁ ପ୍ରାୟ ୨୦ଟି ବିଦ୍ୟାଳୟକୁ ଜାତୀୟସ୍ତରୀୟ ମୂଲ୍ୟାଙ୍କନ ପାଇଁ ନାମାଙ୍କିତ କରାଯାଇଥିବାବେଳେ ସେଥିରୁ ୧୦ଟି ବିଦ୍ୟାଳୟକୁ ଏସ୍‌ଏଚ୍‌ଭିଆର୍ ଅନ୍ତର୍ଗତ ଜାତୀୟ ପୁରସ୍କାର ଓ ସ୍ୱୀକୃତି ପାଇଁ ମନୋନୀତ କରାଯାଇଛି। ସେଗୁଡ଼ିକ ହେଲା ମୟୂରଭଞ୍ଜ ଜିଲାର ଖଇରବଣି ଆଶ୍ରମ ସ୍କୁଲ, ନୟାଗଡ଼ର ହାତିଆସିଲା ପ୍ରାଥମିକ ବିଦ୍ୟାଳୟ, ଜଗତ୍‌ସିଂହପୁରର ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟ, କେନ୍ଦ୍ରାପଡ଼ାର ବୀଣାପାଣି ଉ୍ ପ୍ରାଥମିକ ବିଦ୍ୟାଳୟ, କେନ୍ଦୁଝରର ଫୁଲକଅଁଳେଇ ମୋଡାଲ ସ୍କୁଲ, ଖୋର୍ଦ୍ଧା ଜିଲା ସିକୋସ୍ଥିତ ଚନ୍ଦ୍ରଶେଖର ଦେବ ସରକାରୀ ହାଇସ୍କୁଲ, ସୋନପୁରର ସାଗରପାଲି ଜି.ଏମ୍. ହାଇସ୍କୁଲ, ଗଜପତି ଜିଲା କୌଇନପୁରର ମହେନ୍ଦ୍ରତନୟା ଆଶ୍ରମ ସ୍କୁଲ, ସମ୍ବଲପୁରର ବି.ଏମ୍. ପଟ୍ଟନାୟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କନ୍ଧମାଳର ରାବନାଜୁ ପ୍ରାଥମିକ ବିଦ୍ୟାଳୟ। ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ ମୁଖ୍ୟତଃ ପରିମଳ ଓ ପରିଚ୍ଛନ୍ନତା, ନିରାପଦ ପାନୀୟଜଳର ଉପଲବ୍ଧତା, ସବୁଜିମା ଏବଂ ଜୈବ ବିବିଧତା ଭଳି ପ୍ରମୁଖ ମାନଦଣ୍ଡ ଉପରେ ମୂଲ୍ୟାଙ୍କନ କରେ। ଏହି ପଦକ୍ଷେପ ବିଦ୍ୟାଳୟଗୁଡ଼ିକୁ ଛାତ୍ରୀଛାତ୍ରଙ୍କ ସୁସ୍ଥ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ସହ ପରିବେଶ ସୁରକ୍ଷା ଦିଗରେ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥାଏ। ଏହି ଜାତୀୟସ୍ତରୀୟ ମାନ୍ୟତା ଓଡ଼ିଶାର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ଏବଂ ସ୍ଥାନୀୟ ସମ୍ପ୍ରଦାୟର ମିଳିତ ପ୍ରୟାସକୁ ପ୍ରତିଫଳିତ କରୁଛି। ଏହି ସ୍ୱୀକୃତି ପାଇବା ପରେ ବିଦ୍ୟାଳୟସ୍ତରରେ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଇବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ। ସୂଚନାଯୋଗ୍ୟ, ଜାତୀୟସ୍ତରରେ ୨୯ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୧୯୧ ସ୍କୁଲକୁ ଏସ୍‌ଏଚ୍‌ଭିଆର୍ ଅଧୀନରେ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ପ୍ରତ୍ୟେକ ବିଜେତା ବିଦ୍ୟାଳୟକୁ ନଗଦ ୧ ଲକ୍ଷ ଟଙ୍କା ପୁରସ୍କାର, ସ୍ୱୀକୃତି ପ୍ରମାଣପତ୍ର ଏବଂ ତିନିଦିନିଆ ଏକ୍ସପୋଜର ପରିଦର୍ଶନରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ।

## ଓଡ଼ିଶା ଭିଜିଲାନ୍ସ ଜାଲରେ ରାଈଘର ପ୍ରାଣୀଧନ ନିରୀକ୍ଷକ

ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (CDVO) ଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ରାଈଘରର ପ୍ରାଣୀଧନ ନିରୀକ୍ଷକ (Livestock Inspector) ପ୍ରଫୁଲ୍ଲ ହାଲଦାର ଆଜି ଓଡ଼ିଶା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ରାଜ୍ୟ ସରକାରଙ୍କ ପ୍ରମୁଖ 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଅଧୀନରେ ଜଣେ ହିତାଧିକାରୀଙ୍କ ସବସିଡି (ରିହାତି) ରାଶି ମଞ୍ଜୁର କରିବା ବଦଳରେ ସେ ୮୦,୦୦୦ (ଅଶୀ ହଜାର) ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ରଙ୍ଗେହାତ ଗିରଫ କରାଯାଇଛି।



ଉଲ୍ଲେଖଯୋଗ୍ୟ ଯେ, 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ମାଧ୍ୟମରେ ଦୁଗ୍ଧ ଚାଷୀମାନଙ୍କୁ ପ୍ରୋତ୍ସାହନ ଦିଆଯିବା ସହ ୧ ରୁ ୫ଟି ଗାଈ ବିଶିଷ୍ଟ ଡାଏରୀ ୟୁନିଟ୍ ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଏ। ସରକାରୀ ନିୟମାବଳୀ ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ଜଣେ ଦୁଗ୍ଧ ଚାଷୀ ଏହି ଯୋଜନାରେ ହିତାଧିକାରୀ ଭାବେ ମନୋନୀତ ହୋଇଥିଲେ। ମାତ୍ର ଅଭିଯୁକ୍ତ ପ୍ରାଣୀଧନ ନିରୀକ୍ଷକ ଶ୍ରୀ ହାଲଦାର ସବସିଡି ଟଙ୍କା ଛାଡ଼ିବା ପାଇଁ ଚାଷୀଙ୍କୁ ୮୦,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। କେବଳ ସେତିକି ନୁହେଁ, ଲାଞ୍ଚ ଟଙ୍କା ନଦେଲେ ସମ୍ପୃକ୍ତ ଚାଷୀଙ୍କ ସହ ତାଙ୍କ ଗାଁର ଅନ୍ୟ ସମସ୍ତ ହିତାଧିକାରୀଙ୍କ ସବସିଡି ଟଙ୍କା ଅଟକାଇ ଦେବାକୁ ସେ ଖୋଲାଖୋଲି ଧମକ ଦେଇଥିଲେ। କୌଣସି ଉପାୟ ନପାଇ ଶେଷରେ ସମ୍ପୃକ୍ତ ଚାଷୀ (ଅଭିଯୋଗକାରୀ) ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଆଧାର କରି ଆଜି ଓଡ଼ିଶା ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଯୋଜନାବଦ୍ଧ ଭାବେ ଚଢ଼ାଉ କରିଥିଲା।

## ଆମୋନିଆ ଗ୍ୟାସ ଲିକ୍ ଘଟଣା ଓଡ଼ିଆ ମୃତକଙ୍କ ସଂଖ୍ୟା ୧୩କୁ ବୃଦ୍ଧି

କେନ୍ଦୁଝର : ପରିବାର ମୁହଁରେ ହସ ଫୁଟାଇବା ପାଇଁ ଘର ଛାଡ଼ିଥିଲେ। ଜୀବିକା ସନ୍ଧାନରେ ତାମିଲନାଡୁ ଯାଇଥିବା କେନ୍ଦୁଝର ଜିଲ୍ଲାର ୧୩ଜଣ ଜୁଆଙ୍ଗ ଯୁବତୀ ଆଉ ଘରକୁ ଫେରିପାରିଲେ ନାହିଁ। ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ କାରଖାନାରେ ବିଷାକ୍ତ ଆମୋନିଆ ଗ୍ୟାସ୍ ଲିକ୍ ଯୋଗୁଁ ସବୁଦିନ ପାଇଁ ଆଖିବୁଜି ଦେଇଛନ୍ତି। ଶ୍ରମ ବିଭାଗର ସୂଚନା ଅନୁସାରେ, ତାମିଲନାଡୁର ତିରୁଭଲୁର ଜିଲ୍ଲା ପେରିୟାପାଲୟମ୍ ଅଞ୍ଚଳରେ ଥିବା 'ସେଣ୍ଟ ପିଟର୍ସ ପର୍ଲ ସି-ଫୁଡ୍ ଏକ୍ସପୋର୍ଟସ' କାରଖାନାରେ କେନ୍ଦୁଝର ଜିଲ୍ଲା ବାଂଶପାଳ, ତେଲକୋଇ ଅଞ୍ଚଳର ଶତାଧିକ ଯୁବତୀ ଶ୍ରମିକ ଭାବେ କାମ କରୁଥିଲେ। କାରଖାନାରୁ ବିଷାକ୍ତ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିଲା। ୭୦ରୁ ଅଧିକ ଶ୍ରମିକ ଗୁରୁତର ହୋଇଥିବା ବେଳେ କେନ୍ଦୁଝରର ୫ଜଣ ଯୁବତୀଙ୍କ ମୃତ୍ୟୁ ଖବର ଜୁଆଙ୍ଗ ଗାଁଗୁଡ଼ିକୁ ଶୋକରେ ବୁଡ଼ାଇ ଦେଇଛି। ମୃତକଙ୍କ ମଧ୍ୟରେ ଅଛନ୍ତି ତେଲକୋଇ ଥାନା ଅନ୍ତର୍ଗତ ତାଳପଦା ପଞ୍ଚାୟତ ରଙ୍ଗମାଟିଆ ଗାଁର ବୀର ଜୁଆଙ୍ଗଙ୍କ ଝିଅ ଗୁମଣୀ ଜୁଆଙ୍ଗ (୧୬), ଟାଙ୍ଗିରି ଦୁବନାଳୀ ଜୁଆଙ୍ଗସାହିର ରବି ଜୁଆଙ୍ଗଙ୍କ ଝିଅ ଶିବାନୀ ଜୁଆଙ୍ଗ (୧୬), ନିତ୍ୟା ଜୁଆଙ୍ଗଙ୍କ ଝିଅ ଗୀତା ଜୁଆଙ୍ଗ (୧୯), ବାଂଶପାଳ ବ୍ଲକ୍ ତଳଚମ୍ପେଇ ଗାଁର ସୁଦର ଜୁଆଙ୍ଗଙ୍କ ଝିଅ ଚମ୍ପାବତୀ ଜୁଆଙ୍ଗ ଏବଂ କୋଡିପଶା ଗାଁର ଟଙ୍କଧର ଜୁଆଙ୍ଗଙ୍କ ଝିଅ ଫୁଲମଣି ଜୁଆଙ୍ଗ।

ତଳଚମ୍ପେଇ ଗାଁର ଚମ୍ପାବତୀ ଜୁଆଙ୍ଗଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଝିଅର ଫେରିବା ବାଟକୁ ଅପେକ୍ଷା କରିଥିବା ବାପା ସୁଦର ଓ ମା' ତୁରଙ୍ଗୀ ଦୁଃଖରେ ଭାଙ୍ଗି ପଡିଛନ୍ତି।

## ଓଡିଶା ପୁଲିସ ନିଜେ ଅସୁରକ୍ଷିତ

କଟକ : ଆଇନଶୃଙ୍ଖଳା ପରିସ୍ଥିତିର ସାମନା କରୁଥିବା ଓଡିଶା ପୁଲିସ ନିଜେ ଅସୁରକ୍ଷିତ। ରାଜ୍ୟ ପୁଲିସ ଫୋର୍ସର ୫୦ ପ୍ରତିଶତ କର୍ମଚାରୀଙ୍କ ଶରୀରକୁ ସୁରକ୍ଷା ଦେବାକୁ ଥିବା ସର୍ବନିମ୍ନ ଉପକରଣ ବି ନାହିଁ। ଫୋର୍ସ ଯାତାୟାତ ପାଇଁ ନିଜସ୍ୱ ଗାଡି ନଥିବାରୁ ଅନେକ ସମୟରେ ଘରୋଇ ବସ୍‌ରେ ପୁଲିସ ଫୋର୍ସ ଯାଉଛନ୍ତି। ନିଜେ ଅସୁରକ୍ଷିତ ଥିବା ଓଡିଶା ପୁଲିସ ଆଇନଶୃଙ୍ଖଳା ପରିସ୍ଥିତିରେ ଜନସାଧାରଣଙ୍କୁ କିଭଳି ସୁରକ୍ଷା ଦେବ ବୋଲି ପ୍ରଶ୍ନ ଉଠୁଛି। ଫୋର୍ସକୁ ସୁରକ୍ଷା ଉପକରଣ ଯୋଗାଇ ଦେବାକୁ ୨୦୦ କୋଟି ଟଙ୍କା ଆବଶ୍ୟକତା ଥିବା ବେଳେ ଏ ସଂପର୍କିତ ପ୍ରସ୍ତାବ ସରକାରଙ୍କ ନିକଟରେ ପଡି ରହିଛି।

ରାଜ୍ୟ ପୁଲିସରେ ଏବେ ୭୩ ହଜାର ୪୨୩ ପୁଲିସ କର୍ମଚାରୀ ଅଛନ୍ତି। ବାଟାଲିୟନର ଆର୍ମଡ୍ ପୁଲିସ(ସଶସ୍ତ୍ର ପୁଲିସ) ଓ ଜିଲ୍ଲାର ସିଭିଲ୍ ପୁଲିସରେ ଥିବା ଏହି କର୍ମଚାରୀଙ୍କ ମଧ୍ୟରୁ ମାତ୍ର ୫୦ ପ୍ରତିଶତଙ୍କ ପାଇଁ ବୁଲେଟ୍ ପ୍ରୁଫ ହେଲମେଟ୍, ବଡି ପ୍ରୋଟେକ୍ଟର, ପଲି କାର୍ବୋନେଟ୍ ସିଲ୍‌ଡ, ଲାଠି, ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ଇତ୍ୟାଦି ରହିଛି। ଓଡ଼ିଶା ପୁଲିସରେ ୨୫ ହଜାର ଆର୍ମଡ ପୁଲିସ ୨୨ଟି ବାଟାଲିୟନରେ ଏବଂ ଅବଶିଷ୍ଟ ସିଭିଲ୍ ପୁଲିସ ଜିଲ୍ଲା ପୁଲିସ ନିକଟରେ ଅଛନ୍ତି। ଆଇନଶୃଙ୍ଖଳା ଭଳି ଜରୁରୀ ପରିସ୍ଥିତିରେ ବାଟାଲିୟନ୍ ଫୋର୍ସ ସୁରକ୍ଷା ଉପକରଣ ପାଇଁ ଜିଲ୍ଲା ପୁଲିସ ଉପରେ ନିର୍ଭର କରୁଛନ୍ତି। ୨୦୧୮ରୁ ୨୦୨୪ ବର୍ଷ ମଧ୍ୟରେ କୌଣସି ସାମଗ୍ରୀ କିଣାଯାଇନାହିଁ। ୨୦୨୫-୨୬ରେ ଆବଶ୍ୟକତାର ମାତ୍ର ୧୦ ପ୍ରତିଶତ କିଣାଯାଉଛି। ବର୍ତ୍ତମାନ ସର୍ବନିମ୍ନ ସାମଗ୍ରୀ କିଣିବା ପାଇଁ ୧୦୦ କୋଟି ଟଙ୍କାର ବଜେଟ୍ ଆବଶ୍ୟକତା ରହିଛି। ସେହିଭଳି ବାଟାଲିୟନରେ ଫୋର୍ସ ପାଇଁ ୩୨୦ ଗାଡ଼ି ଆବଶ୍ୟକ ଥିଲା ବେଳେ ଏବେ ଅଧା ଗାଡ଼ି ବି ନାହିଁ। ନିକଟରେ ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ ସମୟରେ ୧୪୦ ପ୍ଲାଟୁନ୍ ଫୋର୍ସ ଯିବା ପାଇଁ ୫୦ଟି ଘରୋଇ ବସ୍ ଆଣିବାକୁ ପଡିଥିଲା। ବାଟାଲିୟନ ଗାଡ଼ିରେ ସ୍ୱତନ୍ତ୍ର ଲୁହା ଜାଲି ବ୍ୟବସ୍ଥା ସହିତ ସାଇରନ୍ ଥିବା ବେଳେ ଘରୋଇ ବସ୍‌ରେ ଏସବୁ ନାହିଁ। ଏଭଳି ସ୍ଥିତିରେ ସ୍ୱତନ୍ତ୍ର ଗାଡି ପାଇଁ ୧୦୦ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରୁ ପୁଲିସ ମୁଖ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏଭଳି ପାଖାପାଖି ୨୦୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିବା ବେଳେ ବାସ୍ତବରେ ତାହା କେବେ କାର୍ଯ୍ୟକାରୀ ହେବ ତାହା ଉପରେ ନଜର ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖୁବ୍‌ଶୀଘ୍ର ଆସିବ ନୂତନ...

ବିକାଶ କରିବାକୁ ସେ ଦେଶ ଓ ରାଜ୍ୟର ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଆହ୍ୱାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ ପ୍ରଯୋଜକ ଓ ଦର୍ଶକମାନଙ୍କୁ ଓଡିଆ ସିନେମାର ପୃଷ୍ଠପୋଷକତା ସାଜିବାକୁ ଅନୁରୋଧ କରିଛନ୍ତି। ପ୍ରଯୋଜକମାନେ ଆଧୁନିକତା ସହ ଓଡିଆ ସମାଜ ଓ ସଂସ୍କୃତିର ମୌଳିକ ବିଷୟବସ୍ତୁକୁ ନେଇ ଚଳଚ୍ଚତ୍ର ନିର୍ମାଣ କଲେ ଦର୍ଶକ ନିଶ୍ଚିତ ଥିଏଟରକୁ ଫେରିବେ। ସେହିପରି ଦର୍ଶକମାନଙ୍କୁ ସିନେମା ହଲକୁ ଯାଇ ଓଡିଆ ଫିଲ୍ମ ଦେଖିବାକୁ ଅନୁରୋଧ କରି ସେ କହିଛନ୍ତି ଯେ, ଗୋଟିଏ ଚଳଚ୍ଚିତ୍ର ପଛରେ ଶହ ଶହ ପରିଚୟହୀନ ଟେକ୍ନିସିଆନ, ଲେଖକ ଓ ଗରିବ ଶ୍ରମିକଙ୍କ ଜୀବିକା ଜଡିତ ଥାଏ। ସେ ଆହୁରି କହିଛନ୍ତି ଯେ ଓଡିଆ ସିନେମାରେ ଓଡିଆତ୍ୱ ଅଛି। ଆମେ ସମସ୍ତେ ଟିମ୍ ଓଡିଶା ହୋଇ କାମ କରିବା। ଆମ ପାଖରେ ଅର୍ଥର କୌଣସି ଅସୁବିଧା ନାହିଁ। ଆମ ସରକାର ଆପଣଙ୍କ ମତାମତାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଦୃଢତାର ସହ କହିଥିଲେ ଯେ ଓଡିଆ ଫିଲ୍ମ ସିନେମା ହଲରୁ ବାହାର କରି ଯଦି ଆଉ କୌଣସି ସିନେମାକୁ ପ୍ରଚାର କରାଯାଏ ତେବେ ସରକାରୀ ସ୍ତରରେ ଆଗାମୀ ଦିନରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ସରକାର ସମ୍ପୂର୍ଣ୍ଣ ସଚେତନ ଅଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ, ୨୦୨୩ ବର୍ଷ ପାଇଁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ' ବରିଷ୍ଠ ଅଭିନେତା ଶ୍ରୀ ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟଙ୍କୁ ଏବଂ ୨୦୨୪ବର୍ଷ ପାଇଁ ଏହି ସମ୍ମାନ ବରିଷ୍ଠ ଅଭିନେତ୍ରୀ ଶ୍ରୀମତୀ ନମ୍ରତା ଦାସଙ୍କୁ ପ୍ରଦାନ କରାଯିବା ସହ ଉଭୟଙ୍କୁ ୫ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଶେଷରେ ୨୦୨୩ ଓ ୨୦୨୪ ବର୍ଷ ପାଇଁ ମୋଟ ୬୨ଟି ବିଭାଗରେ ବିଭିନ୍ନ ଚଳଚ୍ଚିତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିଥିବା କଳାକାରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଏହି ସମାରୋହରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଓଡିଆ ସିନେ ଇଣ୍ଡଷ୍ଟ୍ରି ଆରେଞ୍ଜ ଇକୋନୋମିକୁ ବୃଦ୍ଧି କରିବାରେ ସହାୟକ ହେବ। ବିଜୁ ପଟ୍ଟନାୟକ ଫିଲ୍ମ ଏଣ୍ଡ ଟେଲିଭିଜନ ଅନୁଷ୍ଠାନକୁ ଅଗାମୀ ଦିନରେ ଦକ୍ଷ ମାନବ ସମ୍ବଳ ଯୋଗାଇଦିଆଯିବ। ସିନେ କଳାକାର କେବଳ ନିଜ କଳା ପାଇ ପାରିଶ୍ରମିକ ପାଆନ୍ତି ନାହିଁ ମାତ୍ର ଓଡିଶାର ସଂସ୍କୃତିକୁ ଆଗେଇନେବା ପାଇଁ ଗୁରୁତ୍ୱ ଭୂମିକା ଗ୍ରହଣ କରିଥାନ୍ତି। ଏହି ସମାରୋହରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ବିକଶିତ ଓଡିଶାର ନିର୍ମାଣ ସେତେବେଳେ ହେବ ଯେତେବେଳେ ଓଡିଆ ସିନେ ଜଗତର ଉନ୍ନତି ଘଟିବ। ସରକାର ଆଜି ଓଡିଆ ସିନେ ଜଗତର ପୁନରୁଦ୍ଧାର ପାଇଁ ସଂକଳ୍ପବଦ୍ଧ ଏବଂ ଓଡିଆ ଇଣ୍ଡଷ୍ଟ୍ରି ଉନ୍ନତି ପାଇଁ ପ୍ରତ୍ୟେକ କଳାକାରଙ୍କ ମତାମତ ସ୍ୱାଗତଯୋଗ୍ୟ। ଏହି ଉତ୍ସବରେ ଦିଗପହଣ୍ଡିର ବିଧାୟକ ଶ୍ରୀ ସିଦ୍ଧାନ୍ତ ମହାପାତ୍ର, କୋରେଇର ବିଧାୟକ ଶ୍ରୀ ଆକାଶ ଦାସ ନାୟକ ଏବଂ ଏକାମ୍ର -ଭୁବନେଶ୍ୱରର ବିଧାୟକ ଶ୍ରୀ ବାବୁ ସିଂ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବହୁ ବରିଷ୍ଠ କଳାକାର, ସିନେ ଟେକ୍ନିସିଆନ, କଳାପ୍ରେମୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ଦିଗପହଣ୍ଡି ବିଧାୟକ ଶ୍ରୀ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ, ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ ଏବଂ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବହୁ ବରିଷ୍ଠ କଳାକାର, ସିନେ ଟେକ୍ନିସିଆନ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ବାଚସ୍ପତି ନାକଚ କଲେ ...

ବିଜେଡି ଆବେଦନର ମୂଳ ପ୍ରଶ୍ନ ଥିଲା, ଏହି ୮ ଜଣ ବିଧାୟକ ନିଜ ଆଚରଣ ଦ୍ୱାରା ଦଳର ସଦସ୍ୟତା ସ୍ୱଇଚ୍ଛାରେ ପରିତ୍ୟାଗ କରିଛନ୍ତି। ସୁପ୍ରିମକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ଯେ କେବଳ ଔପଚାରିକ ଭାବରେ ଦଳ ଛାଡିବା ନୁହେଁ, ଦଳବିରୋଧୀ ଆଚରଣ ମଧ୍ୟ ସଦସ୍ୟତା ପରିତ୍ୟାଗ ଭାବେ ବିବେଚନା କରାଯିବ। ବାଚସ୍ପତି ଏହାକୁ ଅଣଦେଖା କରିଛନ୍ତି। ଆମେ ଦୃଢ଼ ଆଶାବାଦୀ ନ୍ୟାୟାଳୟ ସମ୍ବିଧାନର ମର୍ଯ୍ୟାଦା, ଜନମତର ପବିତ୍ରତା ଓ ଦଳବିରୋଧୀ ଆଇନର ଉଦ୍ଦେଶ୍ୟକୁ ସୁରକ୍ଷିତ ରଖିବେ।

### ଠାକୁରଙ୍କୁ ବି ଛାଡ଼ିଲେନି, ...

ସୁପ୍ରିମକୋର୍ଟ ରାମ ମନ୍ଦିର ନିର୍ମାଣ ପାଇଁ ପଥ ପ୍ରଶସ୍ତ କରିବା ପର ଠାରୁ ଚମ୍ପତ ରାୟ ନିରନ୍ତର ରାମ ଜନ୍ମଭୂମି ସ୍ଥଳର ନେତୃତ୍ୱ ନେଇ ଆସୁ ଥିଲେ। ୫ ଅଗଷ୍ଟ , ୨୦୨୦ରେ ଭବ୍ୟ ମନ୍ଦିରର ଶିଳାନ୍ୟାସ ଉତ୍ସବ ଠାରୁ ଆଜି ପର୍ଯ୍ୟନ୍ତ, ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଭାବରେ ରାୟ ମନ୍ଦିରର ଛୋଟରୁ ବଡ଼ ନିର୍ମାଣରେ ନିଷ୍ଠାର ସହିତ ଜଡିତ ଅଛନ୍ତି।

ଚମ୍ପତ ରାୟ କିଏ ?: ଚମ୍ପତ ରାୟଙ୍କ ପ୍ରକୃତ ନାମ 'ଚମ୍ପତ ରାୟ ବଂଶଲ'। ସେ ୧୯୪୬ ମସିହାରେ ଉତ୍ତର ପ୍ରଦେଶର ବିଜନୌର ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ। ସେ ପିଲାଦିନରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ର ବିଚାରଧାରା ସହିତ ଜଡିତ ହୋଇଥିଲେ। ପାଠପଢା ସମାପ୍ତ କରିବା ପରେ, ସେ ବିଜନୌରର ଆରଏସଏମ ଡିଗ୍ରୀ କଲେଜରେ ରସାୟନ ବିଜ୍ଞାନର ପ୍ରଫେସର ହୋଇ ଛାତ୍ରମାନଙ୍କୁ ପଢାଉ ଥିଲେ।

Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com
Editor- Ipsita Pati
ସମ୍ପାଦିକା: ଇପ୍‌ସିତା ପତି